# ପୂର୍ଣ୍ଣାଙ୍ଗ ଶିକ୍ଷା

# ପ୍ରକାଶକଙ୍କ ଟିପ୍ପଣୀ

ଛାତ୍ରମାନଙ୍କ ଦ୍ୱାରାହିଁ ସଂସାରର ଉନ୍ନତି ହୋଇପାରେ । ବର୍ତ୍ତମାନ ଜଗତ ଯେପରି ଦ୍ରୁତ ଗତିରେ ଅଗ୍ରସର ହେଉଅଛି ସେଥିରେ ଛାତ୍ରମାନଙ୍କର ଅଂଶ ଗ୍ରହଣ କରିବା ଏକାନ୍ତ ବାଞ୍ଛନୀୟ । ସେଥି ସକାଶେ ଛାତ୍ରମାନଙ୍କର କର୍ତ୍ତବ୍ୟ କ'ଣ ହେବ ତାହା ସରଳ ଭାଷାରେ ଏହି ଛୋଟ ପୁସ୍ତକଟିରେ ଆଲୋଚନା କରାହୋଇଛି । ଆଶାକରୁ ଛାତ୍ର-ସମାଜରେ ଏହା ଆଦୃତ ହେବ । ଏହାର କିଛି ଅଂଶ 'ନବଜ୍ୟୋତି'ର ପଞ୍ଚମ ବର୍ଷ ପ୍ରଥମ ସଂଖ୍ୟାରେ ପ୍ରକାଶିତ ହୋଇଅଛି ।

— ପ୍ରକାଶକ

(ମାର୍ଚ୍ଚ, ୧୯୬୨)

# ପୂର୍ଣ୍ଣାଙ୍ଗ ଶିକ୍ଷା

## ଛାତ୍ରର ଲକ୍ଷ୍ୟ

ଛାତ୍ରର ଲକ୍ଷ୍ୟ ପୂର୍ଣ୍ଣାଙ୍ଗ ଶିକ୍ଷାପ୍ରାପ୍ତି । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ପୂର୍ଣ୍ଣାଙ୍ଗ ଶିକ୍ଷାରେହିଁ ଜୀବନର ସର୍ବାଙ୍ଗୀଣ ବିକାଶ ହୁଏ, ଗନ୍ତବ୍ୟ ସ୍ଥାନର ସ୍ପଷ୍ଟ ସନ୍ଧାନ ମିଳେ, ତାହାର ପ୍ରାପ୍ତିର ଉପାୟ ମଧ୍ୟ ଉପଲବ୍ଧ ହୁଏ । ତେବେ ବ୍ୟକ୍ତି ଲକ୍ଷ୍ୟ ଦିଗରେ ଯଥାର୍ଥ ମାର୍ଗରେ ଚାଲେ, ସମୟର ପ୍ରକୃତ ମୂଲ୍ୟ ବୁଝେ, ସମୟର ସଦୁପଯୋଗ କରେ । ଲକ୍ଷ୍ୟ-ଅନିର୍ଦ୍ଧାରିତ ଜୀବନ ବିଶୃଙ୍ଖଳ, ଅନିଶ୍ଚିତ, ଅବ୍ୟବସ୍ଥିତ ହୁଏ । ବିନା ମଙ୍ଗରେ ନୌକା ସଦୃଶ ବାୟୁର ଘାତ-ପ୍ରତିଘାତରେ ଏପାଖ ସେପାଖ ହୋଇ ଅସୁଖ, ଅଶାନ୍ତି, ଦ୍ୱନ୍ଦ୍ୱମୟ ଜୀବନ ଯାପନ କରେ । ଦେବ-ଦୁର୍ଲଭ, ସମ୍ଭାବନାପୂର୍ଣ୍ଣ ମନୁଷ୍ୟ-ଶରୀର ପ୍ରାପ୍ତ ହେବା ସତ୍ତ୍ୱେ ତାହାର ମହତ୍ତ୍ୱ ନ ବୁଝି, ନ ଜାଣି ତାହାକୁ ବୃଥାରେ ନଷ୍ଟ କରିଦିଏ ।

ଛାତ୍ର-ଜୀବନ କୋମଳ ଲତା ସଦୃଶ ନମନୀୟ, ତାକୁ ଯେଉଁ ମାର୍ଗରେ ମୋଡ଼ାଯିବ ସହଜରେ ସେ ସେହି ମାର୍ଗରେ ମୋଡ଼ାହୋଇ ପାରେ । ଛାତ୍ର-ଜୀବନ ଉର୍ବରା ଭୂମି, ସେଥିରେ ଯେପରି ବୀଜ ବପନ କରାଯିବ ତାହା ସମଗ୍ର ଜୀବନବ୍ୟାପୀ ବିକାଶ କରି ଚାଲିବ । ଛାତ୍ର ଉପରେ ଦେଶର ଭବିଷ୍ୟତ ଉନ୍ନତି ନିହିତ । ଛାତ୍ରମାନେ ଭବିଷ୍ୟତରେ ଗୃହସ୍ୱାମୀ, ବ୍ୟବସାୟୀ, କର୍ମଚାରୀ, ଶିକ୍ଷକ, ଶାସନକର୍ତ୍ତା ହେବେ । ସେମାନଙ୍କ ଯୋଗ୍ୟତା, ଆଦର୍ଶ ଉପରେ ଦେଶର ଉନ୍ନତି ବା ଅବନତି ନିର୍ଭର କରିବ । ସଂସାରର ଉନ୍ନତି ସକାଶେ ଆଉ ଯେତେ କର୍ମ ଅଛି, ସେ ସବୁଠାରୁ ବିଶେଷ ମହତ୍ତ୍ୱପୂର୍ଣ୍ଣ ହେଲା ଶିକ୍ଷା । ସଂସାରର ଉନ୍ନତିରେ ଅନ୍ୟାନ୍ୟ ବ୍ୟକ୍ତିଙ୍କଠାରୁ ଅଧିକ ଦାୟିତ୍ୱ ଛାତ୍ର ଉପରେ । ଛାତ୍ରକୁ ପୂର୍ଣ୍ଣାଙ୍ଗ ଶିକ୍ଷା ଦେଇ, ତାହାର ଜୀବନକୁ ଯଥାର୍ଥ ପ୍ରଣାଳୀରେ ଗଢ଼ିତୋଳିଲେ ଦେଶ ଓ ଜାତିର ଉନ୍ନତି ହେବା ଅବଶ୍ୟମ୍ଭାବୀ । ସେହି କାରଣରୁ ଏହି ଆଶ୍ରମରେ ଛାତ୍ରକୁ ପୂର୍ଣ୍ଣାଙ୍ଗ ଶିକ୍ଷା ଦିଆହୁଏ ।

## ସଂସାର ଅବନତିର କାରଣ

ବୈଦିକ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ସମୟ ସମୟରେ କେତେକ ଶ୍ରେଷ୍ଠ ବ୍ୟକ୍ତି ସମାଜ, ଦେଶ ଓ ଜଗତର ଯଥାର୍ଥ ଉନ୍ନତି ସକାଶେ ବହୁବିଧ ପ୍ରଯତ୍ନ କରି ଆସୁଛନ୍ତି । ଆଜି ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ସଫଳତା ପ୍ରାପ୍ତ କରି ନାହାନ୍ତି । ଜୀବନ ଓ ଜଗତର ଯଥାର୍ଥ ଉନ୍ନତିର ରହସ୍ୟ ବା ଚାବିକାଠି କେଉଁଠି ଅଛି, ତାହା ଧରି ପାରି ନାହାନ୍ତି ଅଥବା ତାହାର ସମୟ ଆସି ନ ଥିଲା । ସେହି କାରଣରୁ ସେମାନଙ୍କ ସମସ୍ତ ଉପାୟ ବ୍ୟର୍ଥତାରେ ପରିଣତ ହୋଇଛି । ଜଗତ ଯେପରି ଦୁଃଖ, ଦ୍ୱନ୍ଦ୍ୱ, ନିରାନନ୍ଦରେ ଗତି କରୁଥିଲା ସେହିପରି ଆଜି ମଧ୍ୟ ଗତି କରୁଅଛି ।

ଜଗତରେ ସୁଖ ଶାନ୍ତି ଓ ସୁସମଞ୍ଜସ ସ୍ଥାପିତ ହେବା, ଉନ୍ନତି ହେବା — ଏସବୁ ନିର୍ଭର କରେ ମନୁଷ୍ୟର ପୂର୍ଣ୍ଣତା ଉପରେ । ମନୁଷ୍ୟ ସ୍ୱୟଂ ପୂର୍ଣ୍ଣ ହେଲେ ତାହାର ଆଦର୍ଶର ପ୍ରଭାବରେ ଅନ୍ୟ ପୂର୍ଣ୍ଣ ହୋଇ ପାରିବ ଏବଂ ତାକୁ ଅନୁସରଣ କରିପାରିବ । ସ୍ୱୟଂ ଅପୂର୍ଣ୍ଣ ହୋଇ ଅନ୍ୟକୁ ପୂର୍ଣ୍ଣତାର ଉପଦେଶ ଦେଲେ ଯାହା ପରିଣାମ ହୁଏ, ତାହା ଆଜି ଆମ୍ଭେମାନେ ସଂସାରରେ ଦେଖୁଅଛୁ । ଏହି ଅସଫଳତାର ଏକମାତ୍ର କାରଣ ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷାର ଅଭାବ ।

ମନ, ପ୍ରାଣ, ଶରୀର, ଆତ୍ମା — ଏହି ଚାରି ସତ୍ତାର ସଂଯୋଗରେ ପ୍ରାଣବନ୍ତ ମନୁଷ୍ୟ ହୁଏ । ଏହି ଚାରି ସତ୍ତା ମଧ୍ୟରେ ଅବଶ୍ୟ ଅସଂଖ୍ୟ ଶକ୍ତି ନିହିତ ଅଛି । ଏହି ସବୁର ବିକାଶ ବହୁ ଅଂଶରେ ନିର୍ଭର କରେ ଶିକ୍ଷା ଉପରେ । ଏହି ଚାରିଟି ସତ୍ତାକୁ ସମାନଭାବେ ଶିକ୍ଷା ଦିଆ ନ ହେଲେ କିଂବା ଏହି ଚାରି ମଧ୍ୟରୁ ଗୋଟିଏ କିଂବା ଦୁଇଟି ବିକଶିତ ହୋଇ ବାକି ସବୁ ଅବିକଶିତ ରହିଲେ ଜୀବନ ଅଙ୍ଗହୀନ ଓ ଅସମଞ୍ଜସ ହୁଏ । ଏହି ଅସମଞ୍ଜସ ଓ ଅଙ୍ଗହୀନ ବ୍ୟକ୍ତି ସ୍ୱୟଂ ସୁଖୀ

ହୋଇପାରେ ନାହିଁ, ଅନ୍ୟକୁ ଏବଂ ସଂସାରକୁ ସୁଖ ପ୍ରାପ୍ତ କରାଇବ କିପରି ? ଯେପରି କୌଣସି ହୃଷ୍ଟପୁଷ୍ଟ ବଳବାନ୍ ବ୍ୟକ୍ତିର ଚକ୍ଷୁର ଅଭାବ, ଅନ୍ୟ କୌଣସି ବ୍ୟକ୍ତି ତୀବ୍ର ଦୃଷ୍ଟିସମ୍ପନ୍ନ ଓ ଅନ୍ୟାନ୍ୟ ଗୁଣସମ୍ପନ୍ନ ହୋଇ ମଧ୍ୟ ତାହାର ପଦର ଅଭାବ । ଏହି ଅଙ୍ଗହୀନ ବ୍ୟକ୍ତିଙ୍କ ଶରୀର ଏବଂ କର୍ମ ଅପୂର୍ଣ୍ଣ । ଚକ୍ଷୁହୀନ ବ୍ୟକ୍ତି ସ୍ୱୟଂ ନିର୍ଦ୍ୱନ୍ଦ୍ୱରେ ଚାଲିପାରେ ନାହିଁ, ଅନ୍ୟକୁ ପଥ ପ୍ରଦର୍ଶନ କରାଇ ପାରେ ନାହିଁ । ପଦବିହୀନ ବ୍ୟକ୍ତି ଶରୀରରେ ଅନ୍ୟକୁ ସାହାଯ୍ୟ କରିପାରେ ନାହିଁ କିଂବା ସ୍ୱୟଂ ଆବଶ୍ୟକ କର୍ମ ସମ୍ପାଦନ କରିପାରେ ନାହିଁ ।

ବୈଦିକ ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ମନୁଷ୍ୟକୁ ଆଂଶିକ ଶିକ୍ଷା ପ୍ରାପ୍ତ ହେଉଅଛି, ସେଇଥିପାଇଁ ଜୀବନ ଅପୂର୍ଣ୍ଣ ଓ ସଂସାର ଦୁଃଖମୟ ହେଉଅଛି । ମନୁଷ୍ୟ ମଧ୍ୟରେ ନିହିତ ଚାରୋଟି ସତ୍ତା ମଧ୍ୟରୁ କେହି ବ୍ୟାୟାମ ଇତ୍ୟାଦି କରି ଶରୀରର ବଳ ବଢ଼ାଉଛନ୍ତି, କେହି ସୌନ୍ଦର୍ଯ୍ୟ ସମ୍ବନ୍ଧୀୟ କାରୁକାର୍ଯ୍ୟ, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ଇତ୍ୟାଦି କଳାର ବିକାଶ କରୁଛନ୍ତି । କେହି ବିଦ୍ୟାଧ୍ୟୟନ ଓ ଅନ୍ୟାନ୍ୟ ଅଭ୍ୟାସ ଦ୍ୱାରା ମନବୁଦ୍ଧିର ବିକାଶ କରୁଛନ୍ତି ଏବଂ ଏହି ମନ-ବୁଦ୍ଧି ସାହାଯ୍ୟରେ, ପ୍ରାଣଶକ୍ତିର ପ୍ରେରଣାରେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରୁଛନ୍ତି, ବିସ୍ମୟକର ବସ୍ତୁର ଆବିଷ୍କାର କରୁଛନ୍ତି । ଏହିସବୁ ବିସ୍ମୟଜନକ ବସ୍ତୁର ଆବିଷ୍କାର ଦେଖି ବିଜ୍ଞାନ ପାଖରେ ମନୁଷ୍ୟ ମସ୍ତକ ନତ କରିବାକୁ ବାଧ୍ୟ ହେଉଅଛି । କିନ୍ତୁ ଏହି ଭୌତିକ ବିକାଶର ସଙ୍ଗେ ସଙ୍ଗେ ମନୁଷ୍ୟ ଜୀବନରେ ଭୟ, ହିଂସା, ଘୃଣା, ଅଶାନ୍ତି, ଦ୍ୱନ୍ଦ୍ୱ, ସ୍ୱାର୍ଥ ମଧ୍ୟ ବଢ଼ି ଚାଲିଛି । ମନୁଷ୍ୟକୁ ସୁଖ ପ୍ରାପ୍ତି କରିବା ପାଇଁ କ୍ରମାଗତ ଯେତେ ଚମତ୍କାର ନୂତନ ବସ୍ତୁ ଆବିଷ୍କୃତ ହେଉଛି, ତାହାସବୁ ଜୀବନ-ଅସୁଖର କାରଣ ଏବଂ ଘାତକରୂପ ଧାରଣ କରୁଅଛି । ଏପରିକି ଯେଉଁ ଦେଶମାନଙ୍କରେ ଭୌତିକ ଜଡ଼-ବିଜ୍ଞାନର ବିଶେଷ ପ୍ରକାଶ ଓ ଅନ୍ୟାନ୍ୟ ଦେଶ ତୁଳନାରେ ନୂତନ ବସ୍ତୁର ଅଧିକ ଆବିଷ୍କାର ସେହି ଦେଶମାନଙ୍କରେ ବ୍ୟକ୍ତିର ଜୀବନ ଅଧିକ ଅଶାନ୍ତିମୟ, ଦ୍ୱନ୍ଦ୍ୱ-ଯୁକ୍ତ, ଆତଙ୍କିତ । ଏହାର କାରଣ ହେଉଛି ଜୀବନରେ ଅର୍ଥାତ୍ ମନ, ପ୍ରାଣ, ଶରୀର ବିକାଶର ସଙ୍ଗେ ସଙ୍ଗେ ଆତ୍ମାର ବିକାଶପ୍ରାପ୍ତ ନ ହେବା । ବୈଦ୍ୟମାନେ କହନ୍ତି ଶରୀରର ବାତ, ପିତ ବୈଷମ୍ୟ ହେଲେ ରୋଗ ଜାତ ହୁଏ । ଡାକ୍ତରମାନଙ୍କ ମତ ବି ଏହିପରି । ଏହା ମଧ୍ୟ ମନୁଷ୍ୟର ପୂର୍ଣ୍ଣାଙ୍ଗ ବିକାଶ ସକାଶେ ପ୍ରଯୁଜ୍ୟ । ଏହି ଅସମଞ୍ଜସ ଜୀବନର ପରିଣାମ ଏହିପରି ହେଉଛି ଯେପରି ନେତ୍ରବିହୀନ ବଳବାନ୍ ବ୍ୟକ୍ତିର ଖଡ୍‌ଗ ପ୍ରହାରରେ ହୁଏ । ସେ ଶତ୍ରୁ ବା ମିତ୍ର ଦେଖିପାରେ ନାହିଁ । ସମ୍ମୁଖରେ ଥିବା ବ୍ୟକ୍ତି ଉପରେ ପ୍ରହାର କରେ, ସେ ଶତ୍ରୁ ହେଉ ବା ମିତ୍ର ହେଉ । ଆଜିକାଲି ଠିକ୍ ଏହିପରି ହେଉଛି । ଆତ୍ମ-ଅବିକଶିତ ବୁଦ୍ଧି-ପ୍ରଧାନ ଶରୀରଧାରୀ ବ୍ୟକ୍ତି ନିଜ ସ୍ୱାର୍ଥସିଦ୍ଧି ନିମିତ୍ତ ଆବିଷ୍କୃତ ବସ୍ତୁ ଦ୍ୱାରା ସ୍ୱୟଂ ଅଶାନ୍ତ, ଭୟତ୍ରସ୍ତ ହେଉଅଛି । ଜୀବନରେ ମନ, ପ୍ରାଣ, ଶରୀରର ବିକାଶ ସଙ୍ଗେ ଆତ୍ମାର ବିକାଶ ନ ହେଉଥିବାରୁ, ଆତ୍ମ-ଶିକ୍ଷା ପ୍ରାପ୍ତି ଅଭାବରୁ ମନୁଷ୍ୟ ସୁଖମୟ ଜୀବନ ପ୍ରାପ୍ତ କରିପାରୁ ନାହିଁ, ସଂସାରରେ ସୁଖ, ଶାନ୍ତି, ଅହିଂସା ସ୍ଥାପିତ ହୋଇପାରୁ ନାହିଁ । ଏହି କାର୍ଯ୍ୟ ନିମିତ୍ତ ସମସ୍ତ ଉପାୟ ବ୍ୟର୍ଥତାରେ ପରିଣତ ହୋଇଛି । ଶ୍ରୀଅରବିନ୍ଦ ତାଙ୍କ ଦିବ୍ୟଦୃଷ୍ଟି ବଳରେ ଦେଖିଲେ ଯେ ବର୍ତ୍ତମାନ ସମୟ ଆସିଛି । ଆତ୍ମା ବିକଶିତ ହୋଇ ମନ-ପ୍ରାଣକୁ ନିୟନ୍ତ୍ରିତ କରି ନିଜ ଦିବ୍ୟଗୁଣ ଶାନ୍ତି, ସନ୍ତୋଷ, ଆନନ୍ଦ, ସତ୍ୟ, ଅହିଂସା, ପ୍ରେମ, ଦୟାଦି ଗୁଣରେ ବ୍ୟକ୍ତିକୁ ବିଭୂଷିତ କରିବ । ତେବେ ସଂସାରରେ ଶାନ୍ତି, ସୁଖ, ସତ୍ୟ, ଅହିଂସା ସ୍ଥାପିତ ହେବ; ଜଗତ ସୁଖମୟ ହେବ । ସେଥିପାଇଁ ଜଗତ ସମ୍ମୁଖରେ ଆଦର୍ଶରୂପେ ତାଙ୍କର ଆଶ୍ରମ ଶିକ୍ଷାଳୟରେ ପୂର୍ଣ୍ଣାଙ୍ଗ ଶିକ୍ଷାର ବ୍ୟବସ୍ଥା କରିଛନ୍ତି, ତାହାକୁ ସମସ୍ତ ଛାତ୍ର ଅନୁସରଣ କରିପାରନ୍ତି ।

## ପ୍ରଚଳିତ ଶିକ୍ଷାର ପରିଣାମ

ବର୍ତ୍ତମାନ ଜଗତରେ ସାଧାରଣତଃ କେବଳ ମାନସିକ ଆଉ ପ୍ରାଣିକ ଶିକ୍ଷା ଉପରେ ଅଧିକ ଜୋର ଦିଆଯାଉଛି । ଶାରୀରିକ ଶିକ୍ଷା ବହୁତ କମ୍ ମାତ୍ରାରେ ପ୍ରଚଳିତ । ଆତ୍ମିକ ଶିକ୍ଷା ଏକେବାରେ ଶୂନ୍ୟ । ପ୍ରାଣ ଶକ୍ତି ଦ୍ୱାରା ମନୁଷ୍ୟ କର୍ମର ପ୍ରେରଣା ପାଏ, କର୍ମରେ ପ୍ରବୃତ୍ତ ହୁଏ ଆଉ ମନ, ବୁଦ୍ଧି ସାହାଯ୍ୟରେ ତାହା ସମ୍ପାଦନ କରେ । ମନ-ବୁଦ୍ଧି ସୀମିତ,

ସ୍ୱାର୍ଥଯୁକ୍ତ ଓ ଯଥାର୍ଥ ଜ୍ଞାନରୁ ବଞ୍ଚିତ । ତାହାର ଦୃଷ୍ଟିଶକ୍ତି ଝାପ୍‌ସା, ମାର୍ଗ ଅନିଶ୍ଚିତ, ଲକ୍ଷ୍ୟ ଭ୍ରାନ୍ତ । ତା'ର ଜୀବନ-ଯାତ୍ରା ବିନା ମଙ୍ଗରେ ନୌକା ତୁଲ୍ୟ ।

ଆତ୍ମ-ଜ୍ଞାନ ଆଲୋକରେ ପୂର୍ଣ୍ଣ; ଶାନ୍ତି, ସମତା, ଆନନ୍ଦର ସ୍ୱରୂପ, ଜୀବନର ଯଥାର୍ଥ ନେତା ଆଉ ଚାଳକ । ଆତ୍ମା ଆଲୋକ ଓ ଜ୍ଞାନଯୁକ୍ତ ଥିବାରୁ ସଂସାର ଜୀବନ-ଯାତ୍ରାର ସମସ୍ତ ମାର୍ଗ ଏବଂ ଅନ୍ତରରେ ଶାନ୍ତି, ସନ୍ତୋଷ, ଆନନ୍ଦ, ଶକ୍ତି ପ୍ରାପ୍ତ କରିବାର ସମସ୍ତ ରହସ୍ୟ ତା' ପାଖରେ ନିରାବରଣ । ଏହି ଆତ୍ମାର ବିକାଶ ଅଭାବରୁ ମନ ଜୀବନର ନେତୃସ୍ଥାନ ଅଧିକାର କରି ଜୀବନକୁ ପରିଚାଳିତ କରେ । ନାନା ପ୍ରକାର ଭୌତିକ କର୍ମରେ ସଫଳ ହୋଇ ପ୍ରାଣର ସ୍ୱାର୍ଥ ଆଉ ଅହଂକୁ ତୁଷ୍ଟ କରିବା ନିମିତ୍ତ ଧନ, ମାନ, ଯଶ, ମହତ୍ତ୍ୱ, ପ୍ରଭୁତ୍ୱ, ଆଧିପତ୍ୟ ପ୍ରାପ୍ତ କରିବାକୁ ଦୌଡ଼େ । ଲକ୍ଷ୍ୟ ଅଜଣା, ଦୃଷ୍ଟି ଝାପ୍‌ସା ଯୋଗୁଁ ମାର୍ଗଭ୍ରଷ୍ଟ ହୋଇ କେବେ ଖାଲରେ ପଡ଼େ, କେବେ ଝୁଣ୍ଟିପଡ଼ି ଆଣ୍ଠୁ ଗଣ୍ଠି ଭାଙ୍ଗିବା ଦ୍ୱାରା ନାନା ପ୍ରକାର ଯନ୍ତ୍ରଣା ପାଏ । ଆତ୍ମ-ବିକାଶ ବିନା ଜୀବନର ଯେଉଁ ଏକମାତ୍ର ଲକ୍ଷ୍ୟ ସୁଖ, ଶାନ୍ତି, ଆନନ୍ଦ ପ୍ରାପ୍ତ କରିବା ତାହା ଭ୍ରମବଶତଃ କାମନା ବାସନାର ତୃପ୍ତି, ମାନ, ଯଶ, ଅଧିକାର, ପଦମର୍ଯ୍ୟାଦାରେ ଖୋଜେ । ଏହାସବୁ ଅସ୍ଥାୟୀ ହେବାରୁ ମୃଗତୃଷ୍ଣା ସଦୃଶ ଏଥିରୁ ନିରାଶ ହେବାକୁ ପଡ଼େ । ଯଥାର୍ଥ ସୁଖ, ଶାନ୍ତି ଆତ୍ମାରେ । ଆତ୍ମ-ବିକାଶ ବିନା ଏହା କଦାପି ସ୍ଥାୟୀରୂପେ ପ୍ରାପ୍ତ ହୁଏ ନାହିଁ । ମନୁଷ୍ୟର ଏହି ପୂର୍ଣ୍ଣାଙ୍ଗ ବିକାଶ ଅଭାବରୁ ବୈଦିକ ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ମନୁଷ୍ୟକୁ ଜୀବନରେ ପୂର୍ଣ୍ଣତା ପ୍ରାପ୍ତ ହୋଇ ନାହିଁ । ସଂସାରରେ ସାମଞ୍ଜସ୍ୟ, ଅହିଂସା ସ୍ଥାପିତ ହୋଇ ପାରି ନାହିଁ । ଜ୍ଞାତ ବା ଅଜ୍ଞାତରେ ସମସ୍ତ ବ୍ୟକ୍ତିଙ୍କର ଲକ୍ଷ୍ୟ ପରମ ସୁଖ, ଶାନ୍ତି, ସନ୍ତୋଷ, ଜଗତର ହିତ ସାଧନ, ଦେଶର ଉନ୍ନତି, ପରସ୍ପର ଭ୍ରାତୃତ୍ୱ-ସମ୍ବନ୍ଧ ସ୍ଥାପନ । ଦେଶ ଦେଶ ମଧ୍ୟରେ, ଜାତି ଜାତି ମଧ୍ୟରେ ପ୍ରେମ, ମୈତ୍ରୀ ବ୍ୟବହାର । ଏହି ଆଦର୍ଶ ଯଥାର୍ଥ ବା ଅଯଥାର୍ଥ ପ୍ରଣାଳୀରେ ପ୍ରତ୍ୟେକ ବ୍ୟକ୍ତି ଚାହାନ୍ତି । ନେତାମାନେ ଉପଦେଶ ଦିଅନ୍ତି ଏବଂ ମନୁଷ୍ୟ ଜାତି ସେହି ଲକ୍ଷ୍ୟ ଆଡ଼କୁ ଅଜ୍ଞାତରେ ମଧ୍ୟ ଗତି କରୁଅଛି ।

ପ୍ରତ୍ୟେକ ବ୍ୟକ୍ତି ଜାଣନ୍ତି ଆଉ କହନ୍ତି ଯେ ହିଂସା, ଦ୍ୱେଷ, ଈର୍ଷ୍ୟା, ଚୋରି, ରିସ୍‌ପତ, ଅନ୍ୟାୟ ଏସବୁ ଦୁର୍ଗୁଣ – ଏସବୁକୁ ତ୍ୟାଗ କରିବାକୁ ହେବ । ଏହା ଜାଣିବା ଆଉ କହିବା ସତ୍ତ୍ୱେ, ସଂସାରରେ ଏହିସବୁ ଦୁର୍ଗୁଣ ଆଜି ବୃଦ୍ଧି ହେଉଅଛି । ଏହିସବୁର ନିବାରଣ ସକାଶେ ସମସ୍ତ ଉପାୟ ବ୍ୟର୍ଥ ହୋଇଅଛି, ସଂସାରରେ ଏହିସବୁ ଅନ୍ୟାୟର ରାଜତ୍ୱ ଚାଲୁଅଛି । ଏହାର କାରଣ ହେଉଛି ଆତ୍ମ-ଶିକ୍ଷାର ଅଭାବ ।

ମନୁଷ୍ୟର ବାହ୍ୟ ଶକ୍ତି ଅପେକ୍ଷା ଆନ୍ତର ଶକ୍ତି ବହୁତ ବଳବାନ୍ । ସ୍ଥୂଳରୁ ଯେତେ ସୂକ୍ଷ୍ମ ହେବ, ତାହାର ଶକ୍ତି ତେତେ ଅଧିକ ପ୍ରକାଶିତ ହେବ । ଆଟମିକ୍ ବମ୍ ଆବିଷ୍କାର କରି ବିଜ୍ଞାନ ଏହାକୁ ପ୍ରମାଣ କରି ଦେଇଛି । ମିଥ୍ୟା କହିବା, ଚୋରି କରିବା, ଲାଞ୍ଚ ନେବା, ଅନ୍ୟର ଅନିଷ୍ଟ କରିବା, ରାଗ କରିବା, ଅନ୍ୟକୁ ମାରିବା ଇତ୍ୟାଦି ସ୍ଥୂଳକ୍ରିୟା । ମନୁଷ୍ୟ ଏସବୁକୁ ବର୍ଜନ କରିବାକୁ ଚାହେଁ, ଅନ୍ୟାୟ ବୋଲି ଜାଣେ, କିନ୍ତୁ ଈର୍ଷା, ବିରୋଧ, ହିଂସା, ଦ୍ୱେଷ, କାମ, କ୍ରୋଧର ପ୍ରେରଣାରେ ଇଚ୍ଛା ନ ଥିବା ସତ୍ତ୍ୱେ ଏଥିରେ ବାଧ୍ୟ ହୋଇ ପ୍ରବୃତ୍ତ ହୁଏ । ଗୀତାରେ ଅର୍ଜୁନ ଏହି କଥା ଶ୍ରୀକୃଷ୍ଣଙ୍କୁ ପଚାରିଥିଲେ । ଶ୍ରୀକୃଷ୍ଣ କହିଲେ, ''ବ୍ୟକ୍ତି କାମ, କ୍ରୋଧାଦି ରଜଗୁଣର ବଶ ହୋଇ ଇଚ୍ଛା ନ ଥିବା ସତ୍ତ୍ୱେ ଅନ୍ୟାୟ କାର୍ଯ୍ୟରେ ପ୍ରବୃତ୍ତ ହୁଏ । ଏହିସବୁ ଦୁର୍ଗୁଣ ମନୁଷ୍ୟର ମନ-ବୁଦ୍ଧିର ବିଚାରରେ ଦୂର ହୁଏ ନାହିଁ । ଯଦି ହୋଇଥା'ନ୍ତା, ତେବେ ବୈଦିକ ଯୁଗରୁ ଆଜି ପର୍ଯ୍ୟନ୍ତ ସଂସାରରେ ସୁଖ ସ୍ଥାପନ କରିବା ନିମିତ୍ତ ଯେଉଁ ପ୍ରଯତ୍ନ ହୋଇଆସୁଛି, ତାହା ସଫଳ ହୁଅନ୍ତା । ଆମ୍ଭେ ଆଜି ଏହି ଦୁଃଖ-ଦ୍ୱନ୍ଦ୍ୱମୟ ଜଗତରେ ନ ରହି ଏକ ଆନନ୍ଦମୟ ଜଗତରେ ବାସ କରୁଥା'ନ୍ତୁ । ଈର୍ଷ୍ୟା, ଦ୍ୱେଷ ଆଦି ଦୁର୍ଗୁଣଠାରୁ ଅଧିକ ସୂକ୍ଷ୍ମ ଆତ୍ମା । ଏସବୁକୁ ଆମ୍ଭେ ମନ-ବୁଦ୍ଧିରେ ବିଚାର କରିପାରୁ କିନ୍ତୁ ଆତ୍ମାକୁ ଅନୁଭବ କରୁ ମନ-ବୁଦ୍ଧିକୁ ଅଧିକ ସୂକ୍ଷ୍ମ କରିବାରେ । କେବଳ ଆତ୍ମାର ଶକ୍ତିରେ ଉପର ବର୍ଣ୍ଣିତ ଦୁର୍ଗୁଣ ଦୂର ହୋଇ ଜୀବନରେ ସ୍ଥାୟୀ ସଦ୍‌ଗୁଣ – ଅହିଂସା, ଶାନ୍ତି, ସନ୍ତୋଷ, ଆନନ୍ଦ, ଭ୍ରାତୃତ୍ୱ, ପ୍ରେମ ଜୀବନରେ ପ୍ରକାଶିତ ହୁଏ । ଆତ୍ମା ଜାଗ୍ରତ୍ ହେଲେ ମନ, ପ୍ରାଣକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ, ଜୀବନ ସାମଞ୍ଜସ୍ୟପୂର୍ଣ୍ଣ ହୁଏ । ଜୀବନର ଅନୁରୂପ ଜଗତ ନିର୍ମାଣ ହୁଏ । ଜୀବନ ପୂର୍ଣ୍ଣ ହୁଏ ମନ, ପ୍ରାଣ, ଶରୀର, ଆତ୍ମା – ଏହି ଚାରୋଟି ସତ୍ତାର ବିକାଶ ହେବାରେ ।

ପୁରାତନ ଯୁଗର କେତେକ ବ୍ୟକ୍ତି ଆତ୍ମାକୁ ବିକଶିତ କରିବା ଉଦ୍ଦେଶ୍ୟରେ ସାଂସାରିକ କର୍ମ ତ୍ୟାଗ କରି ଆତ୍ମାନନ୍ଦରେ ନିବାସ କଲେ । ଅନ୍ୟମାନେ ମନ, ପ୍ରାଣ, ବିକାଶରେ କର୍ମ କରି ଆତ୍ମାକୁ ଭୁଲିଗଲେ । ଏହି ଉଭୟ ପ୍ରକାର ବ୍ୟକ୍ତିଙ୍କର ହେଲା ଅପୂର୍ଣ୍ଣ ଜୀବନ । ସେଥିପାଇଁ ସଂସାରର ହେଲା ଅବନତି । ଏହି ଚାରିଙ୍କ ବିକାଶରେ ସଂସାରର ଉନ୍ନତି ନିହିତ ।

## ପ୍ରଚଳିତ ଶିକ୍ଷାର ସ୍ୱରୂପ

ଆତ୍ମ-ଶିକ୍ଷା ଅଭାବରୁ ଛାତ୍ର ଶିକ୍ଷା ସଙ୍ଗେ ସଙ୍ଗେ ସ୍ୱାର୍ଥ, ହିଂସାକୁ ପ୍ରଶ୍ରୟ ଦିଏ । ପ୍ରଥମରୁ ନିଜକୁ ଏବଂ ଅନ୍ୟକୁ ଠକିବା ଆରମ୍ଭ କରେ । ଯେଉଁ ଶିକ୍ଷାରେ ଜୀବନର ବିକାଶ ନିର୍ଭର କରେ, ତାହା ସେ କେବଳ ପାସ୍ କରିବା ଉଦ୍ଦେଶ୍ୟରେ ପରୀକ୍ଷାରେ ଯାହା ଆବଶ୍ୟକ ହେବ ତାହାହିଁ ପଢ଼େ । ଆରମ୍ଭରୁ ସେ ଜୀବନର ପୂର୍ଣ୍ଣତାର ଉଦ୍ଦେଶ୍ୟକୁ ଭୁଲି ତାହା ସ୍ଥାନରେ ଆଣେ ସ୍ୱାର୍ଥସିଦ୍ଧି । ସେ ଚାହେଁ ପାସ୍ କରିବା ପରେ ବଡ଼ ଅଫିସର୍ ହୋଇ ସମାଜରେ ମାନ ସମ୍ମାନ ପ୍ରାପ୍ତ କରି ସମ୍ମାନୀୟ ହେବ, ଦେଶନେତା ହୋଇ ବଡ଼ ଅଧିକାର ପ୍ରାପ୍ତ କରିବ ଅଥବା ବ୍ୟାପାର କରି ବହୁତ ଧନ ଉପାର୍ଜନ କରି ସୁଖ ଭୋଗ କରିବ । ତାହାର ଉଚ୍ଚରୁ ଉଚ୍ଚ ଉଦ୍ଦେଶ୍ୟରେ ସ୍ପଷ୍ଟ ଅଥବା ଅସ୍ପଷ୍ଟଭାବେ ରହିଥାଏ ସ୍ୱାର୍ଥ । ଏହିମାନେ ଯେତେବେଳେ ବଡ଼ ହୋଇ ଦେଶରେ କାର୍ଯ୍ୟ କରନ୍ତି, ସେତେବେଳେ ଅଫିସର ବା କର୍ମଚାରୀ ହେଲେ ଅନ୍ୟାୟ, ଅସତ୍ୟକୁ ଆଶ୍ରୟ କରି ଲାଞ୍ଚ ନିଅନ୍ତି । ଶିକ୍ଷକ ହେଲେ ବେଠି କଲାପରି ସ୍କୁଲ କାର୍ଯ୍ୟ ଶେଷ କରି ଟିଉସନ୍ ଅଥବା ଅନ୍ୟ ଉପାୟ କରନ୍ତି । ବ୍ୟବସାୟୀ ହେଲେ କଳାବଜାର କରନ୍ତି । ନେତା ହେଲେ ତ' କହିବାର କଥା ନାହିଁ । ଚାରି ଖୁଣ୍ ମାଫ୍ । ନିଜ ସୁବିଧା ସକାଶେ ଆଜି ଯାହାକୁ କହିଥିବେ ଅନ୍ୟାୟ, ଅନ୍ୟ ସମୟରେ ନିଜର ସୁବିଧା ପାଇଁ ତାକୁ ନ୍ୟାୟ କହି ସେହି ଶବ୍ଦର ଅର୍ଥ କରିବେ ଅନ୍ୟ ପ୍ରକାରେ । ଏହିପରି ଶିକ୍ଷାରେ ଛାତ୍ର-ଜୀବନରୁ ଆରମ୍ଭ କରି ଶେଷ ଜୀବନ ପର୍ଯ୍ୟନ୍ତ ସେମାନେ ଆଦର୍ଶର ଯେତେ ବଡ଼ ବଡ଼ କଥା କହନ୍ତୁ ନା କାହିଁକି, କର୍ମରେ ହୁଏ ତାହାର ବିପରୀତ । ଏହା ଆଜି ପ୍ରତ୍ୟେକ ବ୍ୟକ୍ତିର ସମ୍ମୁଖରେ । ଆଉ କେତେକ ବ୍ୟକ୍ତି ଦେଶର ଉନ୍ନତି ଯଦ୍ୟପି ଯଥାର୍ଥରେ ଚାହିଁଛନ୍ତି, ପ୍ରଯତ୍ନ କରିଛନ୍ତି, ତଥାପି ସେମାନଙ୍କ ପ୍ରଯତ୍ନ ବ୍ୟର୍ଥ ହୋଇଛି । କାରଣ ସେମାନଙ୍କର ପ୍ରଯତ୍ନମୂଳରେ ରହିଛି ତ୍ରୁଟି । ସେମାନେ କେବଳ ମନ, ପ୍ରାଣ, କ୍ରିୟା, ବୁଦ୍ଧିର ବିଚାରରେ ସଂସାରରେ ଶାନ୍ତି, ସମତା, ଭ୍ରାତୃଭାବ ସ୍ଥାପନ କରି ଜୀବନ ଆଉ ଜଗତର ଉନ୍ନତି ଚାହିଁଛନ୍ତି । ବୁଦ୍ଧି-ବିଚାର ଓ ନୈତିକତା ମନ, ପ୍ରାଣକୁ ଶାସନ, ସଂଯମ କରି ଯଥାର୍ଥ ମାର୍ଗରେ ପରିଚାଳିତ କରିବାରେ ଅକ୍ଷମ । ଏହା କରିପାରେ କେବଳ ଆତ୍ମା । ସେ ବିକଶିତ ହୋଇ ନିଜ ଜ୍ଞାନ, ଜ୍ୟୋତିଃ, ସତ୍ୟ, ଶାନ୍ତିରେ ମନ, ପ୍ରାଣକୁ ଉଦ୍‌ଭାସିତ କରେ । ସେ ସବୁର ଦୁର୍ଗୁଣ ଦୂର କରି ନିଜ ସଦ୍‌ଗୁଣରେ ସେ ସବୁକୁ ମଣ୍ଡିତ କରେ, ଜୀବନକୁ ଆନନ୍ଦମୟ, ପରମ ସୁଖମୟ କରି ଗଢ଼ିତୋଳେ ।

## ବର୍ତ୍ତମାନ ପରିସ୍ଥିତି

କ୍ରମ-ବିକାଶ ଗତି ଅନୁସାରେ ପ୍ରଥମାବସ୍ଥା ପଶୁମାନଙ୍କର ଶାରୀରିକ ବଳର ଯୁଗ ଥିଲା । ତା'ପରେ ପ୍ରାଣ-ପ୍ରଧାନ ଯୁଗରେ ବ୍ୟକ୍ତି ବୁଦ୍ଧି-କୌଶଳରେ ପ୍ରାଣଶକ୍ତି, ଶାରୀରିକ ବଳ ପ୍ରୟୋଗ କରି ଅନ୍ୟ ଉପରେ ଅଧିକାର ବିସ୍ତାର କଲା ଏବଂ ଶାସନ କଲା । ବର୍ତ୍ତମାନ ବୁଦ୍ଧିଯୁଗରେ ମନୁଷ୍ୟ କେବଳ ବିଜ୍ଞାନ ସାହାଯ୍ୟରେ ନିଜ ମହଦାକାଙ୍କ୍ଷା ପୂର୍ଣ୍ଣ କରି ଅନ୍ୟ ଉପରେ ଆଧିପତ୍ୟ ସ୍ଥାପନ କରିବାକୁ ସମସ୍ତ ବୁଦ୍ଧି ପ୍ରୟୋଗ କରୁଅଛି । ଏଥିରେ ସେ ସଫଳତା ପ୍ରାପ୍ତ କରିପାରୁ ନାହିଁ । ଶାରୀରିକ ବଳ ଯୁଗ, ପ୍ରାଣଶକ୍ତିର ଯୁଗ ପୂର୍ବରୁ ଶେଷ ହୋଇଥିଲା । ଏବେ ବୁଦ୍ଧିଯୁଗ ଶେଷ ସୀମାରେ ପହଞ୍ଚି ସାରିଲାଣି । ତାହାର ଯାହା କରାମତ ଥିଲା ତାହାସବୁ ସେ ଦେଖାଇ ସାରି ମଝି ନଈରେ ପଡ଼ି ଥଳକୂଳ ପାଉ ନାହିଁ । ଏପରି ମାରଣାସ୍ତ୍ର ତୟାର କରି ସାରିଛି ଯେ ନିଜେ ବଞ୍ଚି ରହିବାର ଉପାୟ ପାଉ ନାହିଁ । ବୁଦ୍ଧି ବରାବର ଛଦ୍ମବେଶଧାରୀ

କପଟୀ ମୁନି ସଦୃଶ । ବୁଦ୍ଧିମାନ୍ ବ୍ୟକ୍ତି କଥାବାର୍ତ୍ତା କରିବେ ଶାନ୍ତି ସ୍ଥାପନ କରିବାକୁ ଆଉ ପ୍ରସ୍ତାବ ଆଣିବେ ନିରସ୍ତ୍ରୀକରଣର । କିନ୍ତୁ ଗୁପ୍ତରୂପେ ଅସ୍ତ୍ର ତୟାରି କରୁଥିବେ ଓ କୌଶଳ କରୁଥିବେ ନିଜେ ବଳବାନ୍ ହୋଇ ଅନ୍ୟ ଉପରେ ଅଧିକାର ବିସ୍ତାର କରିବାକୁ ।

ବ୍ୟକ୍ତି ପୃଥକ୍ ପୃଥକ୍, ବ୍ୟକ୍ତିତ୍ୱ ଭିନ୍ନ କିନ୍ତୁ ବୁଦ୍ଧି ତ' ବ୍ୟାପକ । ନିଜ ବୁଦ୍ଧି ଯେପରି କପଟୀ, ଅନ୍ୟ ବୁଦ୍ଧି ସେହିପରି କପଟୀ । କପଟତାରେ ବିଶ୍ୱାସ ଆସିବ କେଉଁଠୁ ? ଜଗତରେ ଶାନ୍ତି ସ୍ଥାପନ କାର୍ଯ୍ୟ ବୁଦ୍ଧି କାବୁର ବାହାରେ । ସଂସାର ବିକାଶ ମାର୍ଗରେ ଚାଲୁଛି, ସେ ଚାଲିଥିବ । ବୁଦ୍ଧି ଯେପରି ଅବସ୍ଥାରେ ପହଞ୍ଚିଛି ସେ ଜଗତ ସମସ୍ୟା ଯଥାର୍ଥ ଭାବେ ସମାଧାନ କରିପାରିବ ନାହିଁ, ଆଉ ଆଗେ ବଢ଼ିବାର ସାମର୍ଥ୍ୟ ବି ନାହିଁ । ସେନେଇ ବୁଦ୍ଧି-ଯୁଗ ସମାପ୍ତ । ବିକାଶ ପ୍ରଣାଳୀ ଅନୁସାରେ ବର୍ତ୍ତମାନ ଆସିବ ଆତ୍ମାର ଯୁଗ ।

## ଆତ୍ମ-ବିକାଶର ଆବଶ୍ୟକତା

ଆତ୍ମା ସ୍ୱୟଂ ନିଷ୍କପଟ, ଆନନ୍ଦ, ଶାନ୍ତି ସ୍ୱରୂପ ଜ୍ଞାନଯୁକ୍ତ, ଶତ୍ରୁ-ମିତ୍ରଭାବ-ଶୂନ୍ୟ, ହିଂସା ଓ ସ୍ୱାର୍ଥର ଊର୍ଦ୍ଧ୍ୱରେ, ସର୍ବତ୍ର ବ୍ୟାପକ । ଆତ୍ମାର ଆଧିପତ୍ୟ ମନ-ପ୍ରାଣରେ ହେଲେ କପଟ, ଅବିଶ୍ୱାସ ରହିବ ନାହିଁ । ଅର୍ଥାତ୍ ଆତ୍ମାର ବିକାଶ ସଙ୍ଗେ ସଙ୍ଗେ କ୍ରମଶଃ କପଟତା, ଅବିଶ୍ୱାସ ଦୂର ହେବାକୁ ଲାଗିବ । ଏହା ହେବ ବ୍ୟାପକଭାବେ । ନିଜ ଭିତରୁ କପଟ, ଅବିଶ୍ୱାସ ଦୂର ବା କମ୍ ହେଲେ ଅନ୍ୟ ମଧ୍ୟରୁ କମ୍ ଏବଂ ଦୂର ହେବାକୁ ଲାଗିବ । ତେବେ ପରସ୍ପର ବିଶ୍ୱାସ କରିବେ; ଜଗତରେ, ଜୀବନରେ ଯଥାର୍ଥ ସୁଖ ଓ ଶାନ୍ତି ସ୍ଥାପିତ ହେବ । ବର୍ତ୍ତମାନ ପୁରାତନ ବୁଦ୍ଧି-ଯୁଗ ଆଉ ନୂତନ ଆତ୍ମା-ଯୁଗର ସନ୍ଧିକ୍ଷଣ । ମନୁଷ୍ୟ ଯେତେ ସଂଖ୍ୟାରେ ସଚେତନଭାବେ ଏହି ଆତ୍ମ-ସତ୍ୟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହେବେ, ତେତେ ଶୀଘ୍ର ସଂସାରରୁ ଦୁଃଖ ଦ୍ୱନ୍ଦ୍ୱ ଦୂର ହେବ, ଶାନ୍ତି ସ୍ଥାପିତ ହେବ, ଜଗତ ସ୍ୱର୍ଗରେ ପରିଣତ ହେବାକୁ ଲାଗିବ । ଏହି ଯୁଗ-ପରିବର୍ତ୍ତନ ସମୟରେ, ନୂତନ ଯୁଗର ଆଗମନ କାର୍ଯ୍ୟରେ ଅଂଶ ଗ୍ରହଣ କରିବାରେ ଛାତ୍ରମାନଙ୍କର ବହୁତ ସୁଯୋଗ । ଏହା ସକାଶେ ଶିକ୍ଷା-ପ୍ରଣାଳୀ ପରିବର୍ତ୍ତନ କରିବା ଆବଶ୍ୟକ । କାରଣ ପାରିପାର୍ଶ୍ୱିକ ଅବସ୍ଥା ଏପରି ହୋଇଛି ଯେ ବିଦ୍ୟାର୍ଥୀ ବିଦ୍ୟାଳୟରେ ପଦାର୍ପଣ କରିବା ସଙ୍ଗେ ସଙ୍ଗେ ତା ଚେତନାରେ ଆସୁଛି ସ୍ୱାର୍ଥ ଆଉ ଉଦର ପାଳନର ପ୍ରବୃତ୍ତି । ସେ ଭୁଲି ଯାଉଛି ପୂର୍ଣ୍ଣାଙ୍ଗ ଶିକ୍ଷା ଦ୍ୱାରା ନିଜର ପୂର୍ଣ୍ଣ ବିକାଶ । ଏଥିପାଇଁ ଶିକ୍ଷାର ପରିବର୍ତ୍ତନ ଆବଶ୍ୟକ ହେଲେ ସୁଦ୍ଧା ବର୍ତ୍ତମାନ ଶିକ୍ଷା-କର୍ତ୍ତୃପକ୍ଷଙ୍କଠାରୁ ଏ-ସମ୍ବନ୍ଧରେ ବହୁତ ଆଶା କରିବା ସମ୍ଭବ ନୁହେଁ । ସେମାନଙ୍କ ସ୍ୱଭାବ ଦୃଢ଼ ହୋଇ ସାରିଲାଣି । ସେମାନଙ୍କର ଆଧାର ଏପରି ପୂର୍ଣ୍ଣ ହୋଇ ସାରିଲାଣି ଯେ ଆଉ ନୂତନ ସତ୍ୟ ପ୍ରବେଶର ସ୍ଥାନ ନାହିଁ । ଏହାର ଅଧିକ ସମ୍ଭାବନା ଛାତ୍ର ଜୀବନରେ । ସେ ଯଦି ଏହି ନୂତନ ସତ୍ୟକୁ ଜୀବନରେ ଉତାରିବାକୁ ଚାହେଁ ତେବେ ତାହାର ଆଧାର ବିଶାଳ ହୋଇପାରିବ, ନୂତନ ସତ୍ୟକୁ ଗ୍ରହଣ କରି ପୂର୍ଣ୍ଣାଙ୍ଗ ବିକାଶ କରିପାରିବ । ସେ ଯେତେବେଳେ ସମାଜରେ କାର୍ଯ୍ୟ କରିବ ସେତେବେଳେ ତାହା ଦ୍ୱାରା ଶିକ୍ଷାର ପ୍ରଣାଳୀ ଆଉ ଅନ୍ୟାନ୍ୟ ସଂସ୍ଥା ପରିବର୍ତ୍ତିତ ହୋଇପାରିବ ।

## ଆଦର୍ଶ ଶିକ୍ଷାର ପ୍ରଣାଳୀ

ବର୍ତ୍ତମାନ ଯେଉଁ ଛାତ୍ରମାନେ ଏହି ପୂର୍ଣ୍ଣାଙ୍ଗ ଆଦର୍ଶ ଶିକ୍ଷାକୁ ଗ୍ରହଣ କରିବାରେ ପ୍ରବୃତ୍ତ ହେବେ, ସେମାନଙ୍କ ସମ୍ମୁଖରେ ଦୁଇଟି ଅସୁବିଧା ଉପସ୍ଥିତ ହେବ । ଗୋଟିଏ ହେଲା ପାରିପାର୍ଶ୍ୱିକ ଅବସ୍ଥା ଏବଂ ଅନ୍ୟଟି ପୁରାତନ ସୀମିତ ସ୍ୱାର୍ଥପୂର୍ଣ୍ଣ ପରିବେଶରେ ରହି ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶ ଗ୍ରହଣ କରିବା । ନୂତନ ସତ୍ୟ-ଆଦର୍ଶ ଗ୍ରହଣରେ ସର୍ବଦା କଠିନତା ଆସେ କିନ୍ତୁ ପରିଶେଷରେ ସେହି କଠିନତା ସହାୟତା ଅଥବା ବରଦାନରେ ପରିଣତ ହୁଏ । କିନ୍ତୁ ପ୍ରଥମରେ ଅଧିକ ପରିଶ୍ରମ କରିବାକୁ ହୁଏ ।

ଏହି ଅସୁବିଧା ଦୂର କରିବା ସକାଶେ ଆଶ୍ରମରେ ନୂତନ ଦୃଷ୍ଟିକୋଣରେ ଶିକ୍ଷାର ବ୍ୟବସ୍ଥା କରାହୋଇ ଛାତ୍ରମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାହୋଇଛି । ପୂର୍ବେ କୁହାହୋଇଛି ଆଶ୍ରମର ପ୍ରତ୍ୟେକ କର୍ମ ମନୁଷ୍ୟ ସମ୍ମୁଖରେ ଗୋଟିଏ ନୂତନ ଆଦର୍ଶ ରଖୁଅଛି, ଯେଉଁଥିରେ ମନୁଷ୍ୟ ସଂସାରରେ ରହି ସମସ୍ତ କର୍ମରେ ଜୀବନର ଏକମାତ୍ର ଲକ୍ଷ୍ୟ ପରମାନନ୍ଦଙ୍କୁ ପ୍ରାପ୍ତ କରିପାରିବ । ସ୍ଥୂଳଭାବରେ କୌଣସି କର୍ମ ତ୍ୟାଗ କରିବାକୁ ହେବ ନାହିଁ, କେବଳ କର୍ମ କରିବା ଉଦ୍ଦେଶ୍ୟ, ମନୋଭାବ ପରିବର୍ତ୍ତନ କଲେ ଯେଉଁ କର୍ମ ଆଉ ସଂସାର ଦୁଃଖ ଦ୍ୱନ୍ଦ୍ୱର କାରଣ ଥିଲା ତାହା ଶାନ୍ତିମୟ ଆନନ୍ଦରେ ପରିଣତ ହେବ । ସେହିପରି ଛାତ୍ରମାନଙ୍କୁ ଆଦର୍ଶ ଶିକ୍ଷା ଗ୍ରହଣ କରିବାକୁ କେବଳ ମନୋଭାବ ପରିବର୍ତ୍ତନ କରିବାକୁ ହେବ । ଆଶ୍ରମର ଆଦର୍ଶ କର୍ମର ଗୋଟିଏ ପ୍ରଧାନ ଅଙ୍ଗ ହେଉଛି ଶିକ୍ଷା । ଏଠାରେ ଛାତ୍ରକୁ ଡିଗ୍ରି ଦିଆ ହୁଏ ନାହିଁ, ପ୍ରମାଣପତ୍ର ଦିଆ ହୁଏ ନାହିଁ । ପରୀକ୍ଷାରେ ପାସ୍ କରି ଉଦର ପାଳନ, ପରିବାର ପୋଷଣ କରିବା – ଏହି ସ୍ୱାର୍ଥମୂଳକ ଉଦ୍ଦେଶ୍ୟ ଛାତ୍ରର ନ ଥାଏ । ତଥାପି ତାହା ପ୍ରାପ୍ତ ହୁଏ ଆନୁଷଙ୍ଗିକରୂପେ । କାରଣ ଛାତ୍ରକୁ ସର୍ବାଙ୍ଗୀଣ ଶିକ୍ଷା ଦିଆଯିବାର ବ୍ୟବସ୍ଥା ବହୁତ ଶିଶୁ ସମୟରୁ କରାହୋଇଥାଏ । ଛାତ୍ରକୁ ଯୋଗ୍ୟତା ପ୍ରାପ୍ତ ହୁଏ । ଯୋଗ୍ୟ ବ୍ୟକ୍ତି ସଂସାରରେ ଯେ କୌଣସି କାର୍ଯ୍ୟ ଦକ୍ଷତାସହ କରିପାରେ । ପାସ୍ କରିବା, ଶିକ୍ଷାର ଲକ୍ଷ୍ୟ ନ ଥିବାରୁ ଛାତ୍ର ଉପରେ ପାସ୍ ସକାଶେ ପଢ଼ିବାର ଭାର ପଡ଼େ ନାହିଁ, ସେନେଇ ସେ ଯୋଗ୍ୟତା ଅର୍ଜନ କରିପାରେ । ଆଶ୍ରମରେ ଶାରୀରିକ, ପ୍ରାଣିକ, ମାନସିକ, ଆତ୍ମିକ ଶିକ୍ଷାର ବ୍ୟବସ୍ଥା ଅଛି, ପାରିପାର୍ଶ୍ୱିକ ଅବସ୍ଥା ତୟାର ହୋଇଛି । ଏହି ବାତାବରଣ ଛାତ୍ରକୁ ପୂର୍ଣ୍ଣାଙ୍ଗ ଶିକ୍ଷା ପାଇଁ ବାଧ କରେ, ତା'ର ସ୍ୱତଃ ପ୍ରବୃତ୍ତି ହୁଏ । ଏଠାରେ ଅନୁକୂଳ ବାତାବରଣ ଯୋଗୁଁ ଛାତ୍ରର ଆତ୍ମା ସ୍ୱତଃ ଜାଗ୍ରତ୍ ହୁଏ । ଆତ୍ମା ଜାଗ୍ରତ୍ ହେବା ସଙ୍ଗେ ସଙ୍ଗେ କ୍ରମଶଃ ମନ, ପ୍ରାଣ ଉପରେ ଶାସନ କରେ, ଛାତ୍ରକୁ ସତ୍ୟ ଓ ଯଥାର୍ଥ ମାର୍ଗରେ ନିର୍ଦ୍ଦେଶ ଦିଏ । ଆତ୍ମବିକାଶ ବିନା ବିଦ୍ୟା ପ୍ରାପ୍ତ କରିବା ଦ୍ୱାରା ବୁଦ୍ଧି ତୀବ୍ର ହୁଏ କିନ୍ତୁ ଶୁଦ୍ଧ ହୁଏ ନାହିଁ । ଅଶୁଦ୍ଧ ବୁଦ୍ଧି ତୀବ୍ର ହେଲେ ପ୍ରାଣ ସଂଯୋଗରେ ଅସାଧାରଣ କାର୍ଯ୍ୟ କରେ; କାର୍ଯ୍ୟ ସଫଳତାର ସୁଯୋଗ ପାଇ ଅଶୁଦ୍ଧ ପ୍ରାଣର ସ୍ୱାର୍ଥ, ବାସନା କାମନା ଆସି ମନୁଷ୍ୟର ବୁଦ୍ଧିକୁ ଭ୍ରଷ୍ଟ କରେ ଆଉ ବିପଥରେ ନେଇ ଯାଏ । ଏହି କାରଣରୁ ବୁଦ୍ଧିର ଅସାଧାରଣ ବିକାଶ ହେବା ସତ୍ତ୍ୱେ ଆଜି ସଂସାରରେ ଅନ୍ୟାୟ, ଅତ୍ୟାଚାର, ସ୍ୱାର୍ଥର ତାଣ୍ଡବ ନୃତ୍ୟ । ପ୍ରାଣ ଆଉ ବୁଦ୍ଧିକୁ ଶୁଦ୍ଧ କରେ ଆତ୍ମା । ଆତ୍ମା ସେ ସବୁକୁ ଯଥାର୍ଥ ସତ୍ୟ-ମାର୍ଗରେ ପରିଚାଳିତ କରେ । ଜୀବନ ଆଉ ଜଗତର ଉନ୍ନତି ସାଧନ ହୁଏ କେବଳ ଆତ୍ମ-ବିକାଶରେ । ଆତ୍ମା ବିକଶିତ ହେଲେ ମନୁଷ୍ୟର ପ୍ରାଣଶକ୍ତି ଅଧିକ ବଢ଼େ, ବୁଦ୍ଧି ଅଧିକ ତୀବ୍ର ହୁଏ, ବିଚାରରେ ସନ୍ଦେହ ରହେ ନାହିଁ । କେବଳ ମନ, ପ୍ରାଣ ଦ୍ୱାରା ମନୁଷ୍ୟ ଯେଉଁ କାର୍ଯ୍ୟକୁ ଯେତେ ସମୟରେ ସମ୍ପାଦନ କରେ, ଆତ୍ମା ସାହାଯ୍ୟରେ କମ୍ ସମୟରେ ଅଧିକ ପୂର୍ଣ୍ଣତା ସହିତ ସେହି କାର୍ଯ୍ୟ କରିପାରେ । ଆତ୍ମ-ବିକାଶରେ ଜୀବନ ଆନନ୍ଦମୟ, ସଂସାର ସ୍ୱର୍ଗ ହେବା ସଙ୍ଗେ ସଙ୍ଗେ ଜାଗତିକ କର୍ମରେ ଅଧିକ ଉନ୍ନତି ହୁଏ । ପ୍ରତ୍ୟେକ ଦିଗରୁ ବିଚାର କଲେ ଜୀବନର ପୂର୍ଣ୍ଣତା, ସଂସାର ଶୁଖ-ଶାନ୍ତିମୟ ହେବା ନିର୍ଭର କରେ ଆତ୍ମ-ବିକାଶ ଉପରେ । ଏହି କାରଣରୁ ଆଶ୍ରମରେ ମନୁଷ୍ୟର ମନ, ପ୍ରାଣ, ଶରୀର ଓ ଆତ୍ମାର ବିକାଶ ସକାଶେ ପୂର୍ଣ୍ଣାଙ୍ଗ ଶିକ୍ଷା ଦିଆହୁଏ ।

## ଆତ୍ମ-ବିକାଶର ଉପାୟ

ପରିସ୍ଥିତି ଅନୁସାରେ ଛାତ୍ରକୁ ପଢ଼ି ପାସ୍ କରିବାକୁ ହେବ । କିନ୍ତୁ ଲକ୍ଷ୍ୟ ହେବ ପୂର୍ଣ୍ଣାଙ୍ଗ ବିକାଶ । ପୂର୍ଣ୍ଣାଙ୍ଗ ବିକାଶରେ ଆତ୍ମା ହେଉଛି ଶରୀରର ନେତା । ଆତ୍ମା ସର୍ବତ୍ର ବ୍ୟାପକ ହେବା ସତ୍ତ୍ୱେ ତା'ର ନିବାସ ସ୍ଥାନ ହେଉଛି ବ୍ୟକ୍ତିର ହୃଦୟ-ଗଭୀରରେ, ସୂକ୍ଷ୍ମ ଶରୀରରେ । ସେ ହୃଦୟ-ଗଭୀରରେ ସମସ୍ତ ଚେତନାକୁ ଏକାଗ୍ର କରିବ ଏବଂ ପ୍ରତ୍ୟେକ କର୍ମ ଆତ୍ମା ଉଦ୍ଦେଶ୍ୟରେ କରି ତାକୁହିଁ ସମର୍ପଣ କରିବ । ଏହି କର୍ମରେ ଅଧିକ ସମୟ ଲାଗିବ ନାହିଁ, କୌଣସି କର୍ମ ଛାଡ଼ି ନୂତନ କିଛି ଗ୍ରହଣ କରିବାକୁ ହେବ ନାହିଁ । କେବଳ ପ୍ରତ୍ୟେକ କର୍ମରେ ନେଇ ଆସିବାକୁହେବ ଆତ୍ମଭାବ । ଅର୍ଥାତ୍ ପ୍ରତ୍ୟେକ କର୍ମ କରିବାକୁ ହେବ ଆତ୍ମ ଉପଲବ୍ଧି ପାଇଁ ଆତ୍ମାକୁ ସମର୍ପଣସହ ।

ଏହି ଲକ୍ଷ୍ୟ ଯଥାର୍ଥଭାବେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ସେ ଆତ୍ମାର ସାନ୍ନିଧ ଲାଭ କରିବାକୁ ଲାଗିବ ଏବଂ କ୍ରମଶଃ ସ୍ୱତଃସ୍ଫୂର୍ତ୍ତଭାବେ ସେ ଅନ୍ୟାୟ, ଅସତ୍ୟ କାର୍ଯ୍ୟରୁ ନିବୃତ୍ତ ହେବାକୁ ସ୍ୱତଃପ୍ରବୃତ୍ତ ହେବ । ଏହି ଲକ୍ଷ୍ୟ ଦ୍ୱାରା ଜୀବନ ସୁନିୟନ୍ତ୍ରିତ, ସୁବ୍ୟବସ୍ଥିତ ହୁଏ । ଏହି ଲକ୍ଷ୍ୟ ପ୍ରାପ୍ତିରେ ମନୁଷ୍ୟ ଜୀବନ ଆନନ୍ଦମୟ, ଶାନ୍ତି ଓ ସୁଖମୟ ହୁଏ । ପ୍ରଚଣ୍ଡ କର୍ମଶକ୍ତିର ବିକାଶ ହେବା ସତ୍ତ୍ୱେ ସେ ଉଦଣ୍ଡ, ଅନିୟନ୍ତ୍ରିତ ହୁଏ ନାହିଁ । ତାହାର ସ୍ୱାର୍ଥ, ହିଂସା ଅଭାବରୁ ସେ ଦେଶର, ଜଗତର ଯଥାର୍ଥ ହିତସାଧନ କରିପାରେ । ଏହି ହେଲା ବର୍ତ୍ତମାନ ନୂତନ ଯୁଗର ଆବଶ୍ୟକତା । ଏହି ଆଦର୍ଶକୁ ଗ୍ରହଣ କରିବା ବ୍ୟକ୍ତି ହେବ ନୂତନ ଯୁଗର ଅଗ୍ରଦୂତ ।

ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିଥିବାରୁ ଏହି ନୂତନ ଆଦର୍ଶ ଗ୍ରହଣ କରିବା ଛାତ୍ର ପକ୍ଷେ ସହଜ ହୋଇଅଛି । 'ଅତିମାନସ ଅବତରଣ' ସମ୍ବନ୍ଧେ ଅନ୍ୟ ପ୍ରକାଶିତ ଲେଖାରୁ ଏହା ବୁଝିପାରିବେ ।

ପୂର୍ବେ କୁହାଯାଇଛି ଛାତ୍ର-ଜୀବନ ନମନୀୟ, ବିକାଶୋନ୍ମୁଖୀ । ଏହି ଛାତ୍ର-ଜୀବନରେ ନିଜ ବିକାଶରେ ଅବହେଳା କରିବା ବହୁତ ଭୁଲ୍ । ଛାତ୍ର-ଜୀବନର ଅଳ୍ପ ଭୁଲ୍‌ର ସଂଶୋଧନ ପ୍ରୌଢ଼ ଅବସ୍ଥାରେ ବହୁ ପରିଶ୍ରମରେ ହୋଇପାରେ ନାହିଁ । ଏହି କାରଣରୁ ଛାତ୍ରମାନଙ୍କର ଉଚିତ ହେଲା ଆତ୍ମା ସତ୍ୟ କି ମିଥ୍ୟା – ଏହି ତୀବ୍ର ବାଦବିବାଦରେ ନ ପଡ଼ି ଜୀବନର ଉନ୍ନତି ସକାଶେ ଏହି ଆଦର୍ଶକୁ ଗ୍ରହଣ କରିବା । ଏହାର ସତ୍ୟାସତ୍ୟ କର୍ମରେ ବୁଝିପାରିବେ । ଯଦି ସତ୍ୟ ହୁଏ ତେବେ ଅତ୍ୟନ୍ତ ଆନନ୍ଦର ବିଷୟ, ଯଦି ଅସତ୍ୟ ହୁଏ ତେବେ କିଛି କ୍ଷତି ହେବ ନାହିଁ, ଗୋଟିଏ ଶୃଙ୍ଖଳିତ ସୁଖଶାନ୍ତିମୟ ଜୀବନ ଗଢ଼ି ଉଠିବ ।

୧ – ପ୍ରତ୍ୟେକ ଛାତ୍ର ନିୟମିତ ସମୟରେ ନିଦ୍ରା ଯିବେ, ନିଦ୍ରା ଯିବା ପୂର୍ବରୁ ପାଞ୍ଚ ମିନିଟ୍ ହୃଦୟର ଗଭୀରରେ ଚେତନାକୁ ଏକାଗ୍ର କରି ପ୍ରାର୍ଥନା କରିବେ, ''ହେ ମୋର ହୃଦୟସ୍ଥ ଆତ୍ମା, ତୁ ଜାଗ୍ରତ୍ ହୋଇ ମୋର ସକଳ ଭାର ଗ୍ରହଣ କରି ମୋତେ ସତ୍ୟ ମାର୍ଗରେ ମୋ ଲକ୍ଷ୍ୟ ସ୍ଥାନକୁ ନେଇ ଚାଲ ।'' ଏହିପରି ପ୍ରାର୍ଥନା କରି ନିଦ୍ରା ଆସିବା ପର୍ଯ୍ୟନ୍ତ ଏକାଗ୍ରତା ସହ ରହିବେ । ନିଦ୍ରାଭଙ୍ଗ ହେବା ସଙ୍ଗେ ସଙ୍ଗେ ମଧ ଏହିପରି ହୃଦୟରେ ଏକାଗ୍ର ହୋଇ ପ୍ରାର୍ଥନା କରିବେ ।

୨ – ରାତ୍ରି ୧୦ ଘଣ୍ଟା ଅଥବା ୯ ଘଣ୍ଟା ସମୟରେ ଶୋଇ ଭୋର ୪ ଘଣ୍ଟା ଅଥବା ୫ ଘଣ୍ଟା ସମୟରେ ଉଠିବେ ।

୩ – ପଢ଼ିବା ସମୟରେ କିଂବା କୌଣସି ସ୍ଥାନକୁ ଯିବା ସମୟରେ ଅଥବା କୌଣସି କାର୍ଯ୍ୟ ଆରମ୍ଭ କରିବା ସମୟରେ ନିଜ ଅନ୍ତରର ଆତ୍ମାକୁ ଆବାହନ କରି କହିବେ, ''ତୁ ଅନ୍ତରରୁ ଜାଗ୍ରତ୍ ହୋଇ ମୋର ମନ, ପ୍ରାଣ, ଶରୀରକୁ ନିୟନ୍ତ୍ରଣ କର, ବୁଦ୍ଧିକୁ ଶୁଦ୍ଧ କର, ଜ୍ଞାନ ପ୍ରଦାନ କର, କର୍ମର ପ୍ରେରଣା ଦେ, ଯେଉଁଥିରେ ମୁଁ ସମସ୍ତ କର୍ମ ଶୃଙ୍ଖଳିତ ଭାବେ ତୋ ସାହାଯ୍ୟରେ ସମ୍ପାଦନ କରିପାରେ । ତୁ ମୋ ମନ, ପ୍ରାଣ, ବୁଦ୍ଧିରେ ପ୍ରବେଶ କରି ସେ ସବୁକୁ ବିକାଶ କର ।'' କର୍ମ ଶେଷରେ ସମସ୍ତ କର୍ମ ତାକୁହିଁ ସମର୍ପଣ କରିବେ ।

୪ – ପ୍ରତ୍ୟେକ ସମୟରେ, ପ୍ରତ୍ୟେକ କର୍ମରେ ଅନୁଭବ କରିବେ, ମୋ ଆତ୍ମା ସମସ୍ତ କର୍ମ ଦେଖୁଛି, ନିୟନ୍ତ୍ରଣ କରୁଛି । କୌଣସି ଏକାନ୍ତ ସ୍ଥାନରେ ଅନ୍ୟାୟ କଲେ କିଂବା ମିଥ୍ୟା କହିଲେ ଅନ୍ୟ ଲୋକ ଦେଖି ପାରିବେ ନାହିଁ, କିନ୍ତୁ ଆତ୍ମା ସବୁ ଦେଖେ । ଏହି ଭାବରେ ଛାତ୍ର ଅନ୍ୟାୟ କର୍ମରୁ ନିବୃତ୍ତ ହୋଇ ଅଧିକାଧିକ ସତ୍ ପଥରେ ଅଗ୍ରସର ହେବେ ।

୫ – କେବେ ତୁମ ସମ୍ମୁଖରେ ଯଦି କଠିନ ସମସ୍ୟା ଆସେ ଏବଂ ସେସବୁ ତୁମେ ସମାଧାନ କରି ନ ପାର, ତେବେ ଶାନ୍ତ ହୋଇ ହୃଦୟରେ ଏକାଗ୍ର ହୁଅ, ପ୍ରତୀକ୍ଷା କର, ତୀବ୍ରଭାବେ ପ୍ରତୀକ୍ଷା କର । ତା'ର ସମାଧାନ ଆସିବ । ଥରେ ସମାଧାନ ପାଇଲେ ତାହା ଭବିଷ୍ୟତରେ ବହୁତ ସରଳ ହୋଇଯିବ । ତୁମ ଜୀବନର ଗୋଟାଏ କଠିନ ସମସ୍ୟାର ସମାଧାନ-ମାର୍ଗ ଉନ୍ମୁକ୍ତ ହୋଇଯିବ ।

## ପ୍ରଶ୍ନୋତ୍ତର

ପ୍ରଶ୍ନ – ବୈଜ୍ଞାନିକ ଯୁଗରେ ତୁମେ ଯେ ଆତ୍ମ-ବିକାଶର କଥା କହୁଛ; ଏହାକୁ ବିଶ୍ୱାସ କରିବ କିଏ ? ତୁମେ କ'ଣ ଆତ୍ମାକୁ ଦେଖାଇ ପାରିବ ?

ଉତ୍ତର – ତୁମ ପେଟର ଦରଜ, ମଥାର ବ୍ୟଥାକୁ ଆଣି କ'ଣ ଆମ ଆଗରେ ରଖି ପାରିବ ? ସ୍ଥୂଳ, ସୂକ୍ଷ୍ମ – ଦୁଇଟା ବସ୍ତୁ ବରାବର ମନୁଷ୍ୟ ମଧ୍ୟରେ ଆଉ ଜଗତରେ ଥାଏ । ଏହି ଦୁଇଟି ବସ୍ତୁକୁ ଦେଖିବାର ଭିନ୍ନ ଭିନ୍ନ ପ୍ରଣାଳୀ । ସ୍ଥୂଳ ଉପାୟରେ ସୂକ୍ଷ୍ମ ବସ୍ତୁ ଦେଖାଯାଏ ନାହିଁ । ଆତ୍ମାର ଯଦି ଆବଶ୍ୟକ ନ ଥାଏ ତେବେ ତାକୁ ଛାଡ଼ । ଆଉ କୁହ, ଜୀବନର ଉଦ୍ଦେଶ୍ୟ କ'ଣ, କେଉଁ ସକାଶେ ପଢୁଛ, କେଉଁ ସକାଶେ କର୍ମ କରୁଛ ?

ପ୍ରଶ୍ନ – ଆମେ ଯେଉଁ ପରିବାରରେ ଜନ୍ମ ଗ୍ରହଣ କରିଛୁ ତାକୁ ପାଳନ ପୋଷଣ କରି ସୁଖୀ ରଖିବୁ, ସମାଜରେ ଭୋଜନ, ବସ୍ତ୍ରର ଅଭାବ ପୂରଣ କରିବାକୁ ଚେଷ୍ଟା କରିବୁ । ସଂସାରରେ ଅନ୍ୟାୟ, ଅତ୍ୟାଚାର ଦୂର କରି ସୁଖ ଶାନ୍ତି ସ୍ଥାପନ କରିବା ଆମ୍ଭର କର୍ତ୍ତବ୍ୟ । ସମାଜ, ଦେଶ, ଜାତି ଏହାହିଁ ଆମ୍ଭଠାରୁ ଦାବି କରେ ।

ଉତ୍ତର – ପରିବାର, ଦେଶ, ଜାତି ତୁମଠାରୁ ଯେଉଁ ଦାବି କରୁଛି; ଏହି ଦାବି ବରାବର କରିଆସୁଛି । ତା'ର ଦାବି କ'ଣ ଏପର୍ଯ୍ୟନ୍ତ ପୂରଣ ହୋଇଛି ? ବରଂ ତାହାର ଯେଉଁ ଅଭାବ ଥିଲା ସେହି ଅଭାବ ବଢ଼ି ଚାଲିଛି । ପୁରାତନ ଯୁଗରୁ ଆଜି ପର୍ଯ୍ୟନ୍ତ ଯେଉଁ ପ୍ରଣାଳୀ ବ୍ୟର୍ଥ ହୋଇ ଆସୁଛି ତୁମେ ତାହା ଦେଖୁଛ; ଦେଖିବା ସତ୍ତ୍ୱେ, ସେଥିରେ ବିଶ୍ୱାସ କରୁଛ କିପରି ? କୁହାହୋଇଛି ଆତ୍ମ-ବିକାଶରେ ବ୍ୟକ୍ତି, ଦେଶ, ଜାତି ସୁଖୀ ହେବ । ଏହାର ପରିଣାମ ଦୃଷ୍ଟିଗୋଚର ହୋଇ ନାହିଁ । ଯେପର୍ଯ୍ୟନ୍ତ ଏହି ପ୍ରଯତ୍ନ ଆଚରଣ କରିବା ପରେ ଅସଫଳ ନ ହୋଇଛି ସେପର୍ଯ୍ୟନ୍ତ ଏଥିରେ ବିଶ୍ୱାସ କରିବାର ମାର୍ଗ ଅଛି । କିନ୍ତୁ ବ୍ୟର୍ଥ ହୋଇ ଆସୁଥିବା ପ୍ରଣାଳୀରେ ବିଶ୍ୱାସର ମାର୍ଗ ରୁଦ୍ଧ ହୋଇ ସାରିଛି । ସମ୍ଭାବନା ଥିବା ମାର୍ଗରେ ଅବିଶ୍ୱାସ, ସମ୍ଭାବନା ବିହୀନ ମାର୍ଗରେ କେଉଁ ଯୁକ୍ତିରେ ବିଶ୍ୱାସ କରୁଛ ?

ପ୍ରଶ୍ନ – ତୁମେ ଯାହା କହୁଛ ବହୁକାଳରୁ ପରିବାର, ସମାଜ, ଦେଶ, ଜାତି ଯାହା ଦାବି କରି ଆସୁଛି ତାହା ପୂରଣ ହୋଇ ନାହିଁ । ଏହି ଉକ୍ତି ତୁମ୍ଭର ଯଥାର୍ଥ ନୁହେଁ । ଦେଶ, ଜାତି, ସମାଜ ପ୍ରତି ବ୍ୟକ୍ତିର ଯାହା କର୍ତ୍ତବ୍ୟ କରିବା ଉଚିତ, ବ୍ୟକ୍ତି ତାହା କରି ଆସୁଛି, ସେଥିରେ କ'ଣ ତ୍ରୁଟି ଅଛି ଯେ ତୁମେ କହୁଛ ପରିବାର, ସମାଜ, ଦେଶର ଦାବି ପୂରଣ ହୋଇ ନାହିଁ ?

ଉତ୍ତର – ପରିବାର, ସମାଜ, ଦେଶ, ଜାତି ଯେଉଁ ସୁଖ ଦାବି କରି ଆସୁଅଛି, ଯାହା ତାହାର ଏକମାତ୍ର ଲକ୍ଷ୍ୟ, ଏପର୍ଯ୍ୟନ୍ତ ତାହା ପ୍ରାପ୍ତ ହୋଇ ନାହିଁ । ଯଦି ତା'ର କାମ୍ୟ ବସ୍ତୁ ପ୍ରାପ୍ତ ନ ହେଲା, ତାହାର ଅଭାବ ଯେପରିକି ସେହିପରି ରହିଲା । ତେବେ ତୁମ କର୍ତ୍ତବ୍ୟରେ ତା'ର ଲାଭ କ'ଣ ହେଲା ?

ପ୍ରଶ୍ନ – ଲାଭ ହୋଇ ନାହିଁ ! ମନୁଷ୍ୟକୁ ସୁଖ, ଶାନ୍ତିରେ ରଖିବାକୁ ଦେଶକୁ ଉନ୍ନତ କରିବାକୁ ମନୁଷ୍ୟ ବିଜ୍ଞାନ ସାହାଯ୍ୟରେ ପୃଥିବୀକୁ ସ୍ୱର୍ଗରେ ପରିଣତ କରି ଦେଲା । କଳ୍ପନାତୀତ ଆଶ୍ଚର୍ଯ୍ୟ ବସ୍ତୁକୁ ମୂର୍ତ୍ତିମନ୍ତ କରି ସାମନାରେ ରଖି ଦେଲା । ମନୁଷ୍ୟର ପଶୁତ୍ୱ ଦୂର କରି ଦେବତ୍ୱ ଆଣି ଦେଲା । ଏଥିରେ ତୁମେ କହୁଛ ବ୍ୟକ୍ତି ତା'ର କର୍ତ୍ତବ୍ୟ ପୂର୍ଣ୍ଣ କରି ନାହିଁ ! ବ୍ୟକ୍ତି ବିଜ୍ଞାନ ସାହାଯ୍ୟରେ କ'ଣ କରି ନାହିଁ ? ପୂର୍ବେ ବଳଦ ଗାଡ଼ି ଥିଲା । ବର୍ତ୍ତମାନ ମୋଟର, ରେଳ, ବାୟୁଯାନ । ପତ୍ରବାହକ ହରକରା ସ୍ଥାନରେ ଟେଲିଗ୍ରାଫ୍, ରେଡ଼ିଓ, ଫୋନ୍, ଟେଲିଭିଜନ ଯନ୍ତ୍ର । ହାତ ଗୋଡ଼ ଶରୀର ଦ୍ୱାରା କର୍ମ ସ୍ଥାନରେ ମେଶିନ୍ । ଏପରିକି ବିଜ୍ଞାନ-ଶକ୍ତି ଗ୍ରହ, ଉପଗ୍ରହ, ପ୍ରକୃତି ଉପରେ ଅଧିକାର କରିସାରିଲାଣି । ମନୁଷ୍ୟ ସେବାରେ ଏପରି ସବୁ ଅଲୌକିକ ବସ୍ତୁ ଦେବା ସତ୍ତ୍ୱେ ତୁମେ କହୁଛ ସେ କର୍ତ୍ତବ୍ୟରେ ଲାଭ କ'ଣ ?

ଉତ୍ତର – ବିଜ୍ଞାନ ବହୁତ ଚମତ୍କାର ବସ୍ତୁ । ମନୁଷ୍ୟର ସୁଖ ପାଇଁ ବା ସେବାରେ ସମର୍ପଣ କରିବା ସତ୍ତ୍ୱେ ମନୁଷ୍ୟ ନିଜର ଚିରଅଭିଳଷିତ ଲକ୍ଷ୍ୟ 'ସୁଖ, ଶାନ୍ତି' ଏପର୍ଯ୍ୟନ୍ତ ପାଇ ନାହିଁ । ବରଂ ଚମତ୍କାର ବସ୍ତୁ ଆବିଷ୍କାର ସଙ୍ଗେ ସଙ୍ଗେ ସେ ନିଜର ଲକ୍ଷ୍ୟ 'ସୁଖ, ଶାନ୍ତି'ରୁ ଦୂରକୁ ଚାଲିଗଲା ପରି ମନେ ହେଉଛି ।

ଆଜିକାଲି ପରି ପୂର୍ବେ ଅସ୍ତ୍ର-ଚିକିତ୍ସା ନ ଥିଲା, ଲୋକେ ହୃଷ୍ଟପୁଷ୍ଟ ଥିଲେ, କମ୍ ବେମାର ହେଉଥିଲେ, ୭୦/୮୦ ବର୍ଷ ବୟସରେ ୧୦ କ୍ରୋଶ ରାସ୍ତା ଚାଲିପାରୁଥିଲେ । ଆଜିକାଲି ଛାତ୍ର ଜୀବନରୁ ଚଷମା, ସବାରି ଦରକାର, ମେସିନ୍ ଆଉ ଡାକ୍ତର ଉପରେ ଜୀବନଯାପନର ଭାର ନ୍ୟସ୍ତ । ଅଳ୍ପ ଲୋକଙ୍କୁ ବାଦ୍‌ଦେଲେ ଅଧିକାଂଶ ଲୋକ ୬୦/୭୦ ବର୍ଷ ବୟସରେ ଶଯ୍ୟାଶାୟୀ । ଗୋଟାଏ ଦିଗରେ ବିଜ୍ଞାନ ମନୁଷ୍ୟକୁ ସୁଖ ପହଞ୍ଚାଇବାକୁ ଯାଇ ଅନ୍ୟ ଦିଗରେ ତା'ର ବ୍ୟକ୍ତିଗତ ସ୍ୱତନ୍ତ୍ରତାକୁ ଅପହରଣ କରିଛି । ଯଦି ଆମେ ଏହାହିଁ ମାନି ନେଉ ଯେ ବିଜ୍ଞାନ ବ୍ୟକ୍ତିର କିଛି ହାନି ନ କରି କେବଳ ସୁଖ ପହଞ୍ଚାଇଛି ତଥାପି ଏହା ପର୍ଯ୍ୟାପ୍ତ ନୁହେଁ । ମନୁଷ୍ୟର ଅଭିଳଷିତ ସୁଖ, ଶାନ୍ତି ବିଜ୍ଞାନ ଦ୍ୱାରା ଆଜି ପର୍ଯ୍ୟନ୍ତ ପ୍ରାପ୍ତ ହୋଇ ନାହିଁ । ଏହା ଏକେବାରେ ସ୍ୱତଃସିଦ୍ଧ ।

ପ୍ରଶ୍ନ — ବିଜ୍ଞାନ ମନୁଷ୍ୟକୁ ଏତେ ଉନ୍ନତ କରି ସାରିଲାଣି । ଏଥିରେ ତୁମେ କହୁଛ ମନୁଷ୍ୟର ଲକ୍ଷ୍ୟ ସୁଖ, ଶାନ୍ତି ଆଜି ପର୍ଯ୍ୟନ୍ତ ପ୍ରାପ୍ତ ହୋଇ ନାହିଁ । ସେ ସୁଖ, ଶାନ୍ତିର ସ୍ୱରୂପ କ'ଣ ? କାହାକୁ ତୁମେ ସୁଖ, ଶାନ୍ତି କହୁଛ ?

ଉତ୍ତର — ସୁଖ, ଶାନ୍ତିର ସ୍ୱରୂପ ହେଲା ଦୁଃଖର ଅଭାବ । ମନୁଷ୍ୟ ଦୁଃଖଦ୍ୱନ୍ଦ୍ୱ ମିଶ୍ରିତ ସୁଖ ଚାହେଁ ନାହିଁ । ସେ ଚାହେଁ ଶୁଦ୍ଧ, ସ୍ୱଚ୍ଛ, ଅମିଶ୍ର ସ୍ଥାୟୀ ସୁଖ, ଶାନ୍ତି, ଆନନ୍ଦମୟ ଜୀବନ । ସଂସାରରେ ସୁଖ ଦୁଃଖ ଦୁଇଟି ବରାବର ସଙ୍ଗେ ସଙ୍ଗେ ଚାଲି ଆସୁଛି । ଦୁଇଟି ଥିବା ସତ୍ତ୍ୱେ ମନୁଷ୍ୟ ନିରନ୍ତର ଚାହେଁ ସୁଖ; ଦୁଃଖକୁ କେବେ ବି ଚାହେଁ ନାହିଁ । ତା' ନାମ ଶୁଣିବା ତା' ପକ୍ଷରେ ଅସହ୍ୟ, ଦୁଃଖ ଦେଖି ଦୂରରୁ ପଳାଏ ।

ମନୁଷ୍ୟ ଚାହେଁ ଶାନ୍ତି, ସୁଖ, ଆନନ୍ଦ, ପ୍ରସନ୍ନତା, ଉତ୍ସାହ, ମୈତ୍ରୀ, ପରସ୍ପର ଭ୍ରାତୃପ୍ରେମ । କିନ୍ତୁ ସେ ପାଏ ଦୁଃଖ, ହୁଏ ଅଶାନ୍ତ, ନିରାନନ୍ଦ, ଅପ୍ରସନ୍ନ, ନିରୁତ୍ସାହ । ସେ କରେ ଶତ୍ରୁତା, ଈର୍ଷ୍ୟା, ବିରୋଧ । ଜୀବନରେ ସେ ଯେଉଁ ସୁଖ, ଶାନ୍ତିର ସ୍ୱପ୍ନ ଦେଖେ ସେଥିରୁ ସେ କିଛି ଅଂଶରେ ପାଏ । ସେହି ଆଂଶିକ ସୁଖକୁ ମଧ ଦୁଃଖ ଦ୍ୱନ୍ଦ୍ୱାଦି ଦୁର୍ଗୁଣ ଆସି ନଷ୍ଟକରି ତା ଜୀବନ-ଆଶାରେ ହତାଶା ଆଣିଦିଏ । ଏପରି କୌଣସି ବ୍ୟକ୍ତି ସଂସାରରେ ନାହିଁ ଯେ କି ଦୁଃଖ, ଦ୍ୱନ୍ଦ୍ୱ, ଅଶାନ୍ତିରେ ପୀଡ଼ିତ ନ ହୁଏ । ବ୍ୟକ୍ତି ପରସ୍ପର ମାର୍‌ପିଟ୍ କରି ମୋକଦ୍ଦମା ଲଢ଼ି ହୃଦୟକୁ କ୍ରୋଧାଗ୍ନିରେ ଦଗ୍ଧ କରେ, ବହୁତ ନିକଟ ସମ୍ବନ୍ଧୀୟ ବ୍ୟକ୍ତିର ସମାଜରେ ନିନ୍ଦା, ଦୁର୍ନାମ ଶୁଣି ଚିନ୍ତାରେ ମର୍ମାହତ ଯନ୍ତ୍ରଣା ପାଏ । ଶତ୍ରୁର ଉନ୍ନତି ଦେଖି ଈର୍ଷ୍ୟା କରେ, ନିଜ ନିନ୍ଦାରେ ଦୁଃଖ ପାଏ, ପର ନିନ୍ଦାରେ ଖୁସି ହୁଏ । ପ୍ରାଣପ୍ରିୟ ଏକମାତ୍ର ପୁତ୍ରର ଇଚ୍ଛା-ବିରୋଧ ଆଚରଣ, ଦୁରାଚାର, ସ୍ୱେଚ୍ଛାଚାରିତାରେ ପ୍ରାଣାଘାତ ଦାରୁଣ ବେଦନା ଅନୁଭବ କରେ । ସ୍ତ୍ରୀ ପ୍ରତିକୂଳ ହେଲେ ଘର ବିଷବତ୍ ଲାଗେ ।

ମନୁଷ୍ୟ ପ୍ରକୃତରେ ଏହି ସବୁ ଦୁଃଖ ଦ୍ୱନ୍ଦ୍ୱକୁ ଚାହେଁ ନାହିଁ କିନ୍ତୁ ଏସବୁ ବଳପୂର୍ବକ ଆସି ମନୁଷ୍ୟର ସୁଖ, ଶାନ୍ତିକୁ ବ୍ୟର୍ଥ କରେ । ମନୁଷ୍ୟ ଯେଉଁ ପରିବାରରେ, ଯେଉଁ ଗ୍ରାମ, ସହର, ସମାଜରେ ନିବାସ କରେ ସେଠାରେ ଅଥବା ଚାକିରି କରିବାରେ, ବ୍ୟବସାୟ କରିବାରେ, ରାଜନୀତିରେ ଅର୍ଥାତ୍ ମନୁଷ୍ୟର ସମ୍ପର୍କ ଯେଉଁଠି ଅଛି ସେଠାରେ ଈର୍ଷ୍ୟା, ବିରୋଧାଦି ଦ୍ୱନ୍ଦ୍ୱ ଉତ୍ପନ୍ନ ହୁଏ, ମନୁଷ୍ୟର ସୁଖ, ଶାନ୍ତିକୁ ବ୍ୟାହତ କରେ । ଏହିସବୁ ଅବସ୍ଥାର ନାମ ଦୁଃଖ, ଏହିସବୁ ଅବସ୍ଥାର ଅଭାବ ନାମ ସୁଖ । ଦୁଃଖର ଅଭାବ ସୁଖ ମନୁଷ୍ୟ ବରାବର ଚାହିଁ ଆସୁଅଛି, ଏପର୍ଯ୍ୟନ୍ତ ପାଇ ନାହିଁ । ନୈତିକ ନିୟମରେ ଏହି ଦୁଃଖରହିତ ସୁଖପ୍ରାପ୍ତିର ପ୍ରଯତ୍ନ କରାହୋଇ ଆସୁଅଛି, କିନ୍ତୁ ସେସବୁ ପ୍ରଯତ୍ନ ବ୍ୟର୍ଥ ହେଉଅଛି । କାରଣ ନୀତି କହେ : ସତ୍ୟ କୁହ, ହିଂସା ନ କର, ପରୋପକାର କର, ପରସ୍ପର ପ୍ରେମ କର ଇତ୍ୟାଦି । ଏହିସବୁ ହେଲା ଉପର ବସ୍ତୁ । ମନୁଷ୍ୟ ମଧ ଏହା ଚାହେଁ । କିନ୍ତୁ ତା' ଭିତରେ ଥିବା ଈର୍ଷା, ବିରୋଧ, ହିଂସା, କାମ, କ୍ରୋଧ, ବାସନା, କାମନା ଇତ୍ୟାଦି ବାହାର ନିୟମକୁ ଭାଙ୍ଗି ବ୍ୟକ୍ତିକୁ ଜବରଦସ୍ତି ଅସତ୍ କାର୍ଯ୍ୟରେ ପ୍ରବୃତ୍ତ କରାନ୍ତି । ପରିଣାମରେ ବ୍ୟକ୍ତି ପାଏ ଦୁଃଖ । ଯେପର୍ଯ୍ୟନ୍ତ ଏହିସବୁ ଦସ୍ୟୁ ଭିତରରୁ ବାହାର କରା ନ ହେବେ ସେପର୍ଯ୍ୟନ୍ତ ମନୁଷ୍ୟ କେବେ ବି ସୁଖ ଶାନ୍ତି ପ୍ରାପ୍ତ କରି ପାରିବ ନାହିଁ ।

ପ୍ରଶ୍ନ — ଏହି ଯେଉଁ ସୁଖ ଶାନ୍ତିର ସ୍ୱରୂପ କହିଲ, ଏହା କ'ଣ ମନୁଷ୍ୟ ପକ୍ଷେ ସମ୍ଭବ ? କ'ଣ ଏହି ଅଖଣ୍ଡ ସୁଖ ଶାନ୍ତି କେହି ପ୍ରାପ୍ତ କରିଛି ?

ଉତ୍ତର – ଯଦି ସମ୍ଭବ ନ ହୁଅନ୍ତା ମନୁଷ୍ୟ ସୁଖ ଚାହାନ୍ତା କିପରି ? ଏହି ଚାହିଁବାହିଁ ପ୍ରମାଣ କରେ ଯେ ତାହା ନିଶ୍ଚୟ ଦିନେ ପାଇବ । ଏହି ସୁଖ ଶାନ୍ତିର ନିବାସ ସ୍ଥାନ ଆତ୍ମା । ଆତ୍ମୋପଲବ୍ଧିରେ ଅଖଣ୍ଡ ସୁଖ, ଅବିଚ୍ଛିନ୍ନ ଶାନ୍ତି ପ୍ରାପ୍ତ ହୁଏ । ପୂର୍ବେ ବହୁତ ମୁନି, ଋଷି, ସନ୍ଥ, ମହାତ୍ମାମାନଙ୍କୁ ଏହା ପ୍ରାପ୍ତ ହୋଇଥିଲା, ବର୍ତ୍ତମାନ ମଧ୍ୟ ପ୍ରାପ୍ତ ହେଉଛି, ତଥାପି ଏହା ଥିଲା ସୀମିତ । ସୁଖ ଶାନ୍ତି ପ୍ରାପ୍ତ କରିଥିବା ବ୍ୟକ୍ତିମାନେ ସଂସାର କର୍ମକୁ ତ୍ୟାଗ କରିଥିଲେ । ସେହି କାରଣରୁ ସାଂସାରିକ ଜୀବନରେ ସୁଖ ଶାନ୍ତି ଆସି ପାରିଲା ନାହିଁ । କର୍ମ-ଜୀବନ ଓ ଆତ୍ମୋପଲବ୍ଧି ମଧ୍ୟରେ ଗୋଟିଏ ବ୍ୟବଧାନ ରହିଗଲା । ଶ୍ରୀଅରବିନ୍ଦ ନିଜ ତପସ୍ୟାରେ ଅତିମାନସ (Supermind) ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣି ସେହି ବ୍ୟବଧାନକୁ ଦୂର କରିଅଛନ୍ତି । ବର୍ତ୍ତମାନ ବ୍ୟକ୍ତି ସଂସାର କର୍ମ ତ୍ୟାଗ ନ କରି ସମସ୍ତ କର୍ମ, ଆତ୍ମାକୁ ସମର୍ପଣ କରିବା ଦ୍ୱାରା ତା'ର ଆତ୍ମୋପଲବ୍ଧି ହେବ ଏବଂ ଆତ୍ମା ଦ୍ୱାରା ମନୁଷ୍ୟର ସମସ୍ତ କର୍ମ ନିୟନ୍ତ୍ରଣ ହେବ । ସେ ଅଖଣ୍ଡ ସୁଖ, ଶାନ୍ତି, ଆନନ୍ଦମୟ ଜୀବନ ଏହି ସଂସାରରେ ରହି ପ୍ରାପ୍ତ କରିପାରିବ । ଏହାହିଁ ମନୁଷ୍ୟ ଜୀବନର ଲକ୍ଷ୍ୟ । ସ୍ପଷ୍ଟ ଅଥବା ଅସ୍ପଷ୍ଟଭାବେ ପ୍ରତ୍ୟେକ ମନୁଷ୍ୟ ଏହାହିଁ ଚାହେଁ ।

ପ୍ରଶ୍ନ – ମନୁଷ୍ୟ ସୁଖ ଚାହେଁ, ଏହା ଠିକ୍ । ଏପର୍ଯ୍ୟନ୍ତ ଏହା ପ୍ରାପ୍ତ ହୋଇ ନାହିଁ, ଏହା ବି ସତ୍ୟ । ସୁତରାଂ ଆତ୍ମୋପଲବ୍ଧିରେ ଏହା ପ୍ରାପ୍ତ ହେବ, ଏଥିରେ ଆମ୍ଭର ସନ୍ଦେହ । ଏହା ଯଦି ସତ୍ୟ ହୁଅନ୍ତା ତେବେ ବୈଜ୍ଞାନିକମାନେ ଅବଶ୍ୟ ଏହାକୁ ଖୋଜନ୍ତେ, ଆଉ ଆବିଷ୍କାର କରନ୍ତେ । ବୈଜ୍ଞାନିକ ଯୁଗରେ ଆମ୍ଭେ ଅନ୍ଧ-ବିଶ୍ୱାସରେ ସୁଖ ପ୍ରାପ୍ତି ଉଦ୍ଦେଶ୍ୟରେ ଆତ୍ମାକୁ ଖୋଜିବୁ କିପରି ?

ଉତ୍ତର – ବିଶ୍ୱାସ କେବେ ଅନ୍ଧ ନୁହେଁ । ବିଶ୍ୱାସ ସ୍ଥାନ ହୃଦୟ ଗଭୀରରେ ସ୍ୱତଃସିଦ୍ଧ, ଅସନ୍ଦିଗ୍ଧ । ସେ ଅର୍ଦ୍ଧ-ପ୍ରକାଶିତ, ଅଦୂରଦର୍ଶୀ ବୁଦ୍ଧି-ଯୁକ୍ତିର ସାହାଯ୍ୟ ଚାହେଁ ନାହିଁ । ତାହାର ବିଶ୍ୱାସ ଅଭ୍ରାନ୍ତ ଆଉ ଫଳପ୍ରସୂ । ବୁଦ୍ଧି-ପ୍ରଧାନ ବିଜ୍ଞାନ ଯୁଗରେ ହୃଦୟ ସ୍ୱଭାବସିଦ୍ଧ ବିଶ୍ୱାସର ସନ୍ଧାନ ନ ପାଇ ବ୍ୟକ୍ତି ସନ୍ଦିଗ୍ଧ ଯୁକ୍ତି-ବୁଦ୍ଧିର ଅଦୃଢ଼ ବିଶ୍ୱାସ କରେ ଏବଂ ତାହାର ଅସଫଳତା ଯୋଗୁଁ ତାହାର ନାମ ଅନ୍ଧ-ବିଶ୍ୱାସ ଦିଏ । ସତ୍ୟ ସ୍ୱତଃସିଦ୍ଧ, ତାହାର ପ୍ରମାଣ ଆବଶ୍ୟକ ହୁଏ ନାହିଁ । ସେହିପରି ହୃଦୟ ସ୍ୱତଃ ସତ୍ୟ, ସୁନ୍ଦର ପ୍ରତି ଆକୃଷ୍ଟ ହୁଏ । ଯୁକ୍ତି-ବୁଦ୍ଧି ପ୍ରଧାନ ବ୍ୟକ୍ତିଙ୍କ ହୃଦୟ ଶୁଷ୍କ ହୋଇଯାଏ । ସେମାନେ ହୃଦୟଭାବ ସମ୍ବନ୍ଧେ ପ୍ରାୟ ଅନଭିଜ୍ଞ ରହି ଯାଆନ୍ତି । ଯେବେ ମନୋମୁଗ୍ଧକାରୀ ପୁଷ୍ପ, ସୁନ୍ଦର ଶିଶୁକୁ ଦେଖି ଆନନ୍ଦରେ ହୃଦୟ ଉଚ୍ଛୁଳି ପଡ଼େ, ଏଥିରେ କ'ଣ ଯୁକ୍ତି-ବୁଦ୍ଧିର ଆବଶ୍ୟକ ହୁଏ ? ସେହିପରି ହୃଦୟ ଯାହାର ବିକଶିତ ସେ ଯୁକ୍ତି ବୁଦ୍ଧିର ବିନା ସାହାଯ୍ୟରେ ସତ୍ୟରେ ବିଶ୍ୱାସ କରେ ଆଉ ଉପଲବ୍ଧି କରେ । ମନୁଷ୍ୟର ଅନ୍ୟାନ୍ୟ ସତ୍ତାଠାରୁ ପ୍ରଧାନ ମନ ଆଉ ହୃଦୟ ଦୁଇଟି ସତ୍ତା । ମନର ଗତି ଉର୍ଦ୍ଧ୍ୱରେ, ହୃଦୟର ସମ୍ପତ୍ତି ଗଭୀରରେ । ମନର ଉଚ୍ଚତା, ହୃଦୟର ଗଭୀରତା; ଏହି ଦୁଇଟି ମାର୍ଗ ଯଦି ଖୋଲେ, ତେବେ ଏହି ଦୁଇ ସତ୍ତାର ପରସ୍ପର ସାହାଯ୍ୟରେ ଉଭୟେ ବିକଶିତ ହୁଅନ୍ତି । ଏହି ଉଭୟ ସତ୍ତାର ବିକାଶରେ ମନୁଷ୍ୟ ଜୀବନ ପୂର୍ଣ୍ଣ ହୁଏ ଏବଂ ସୁଖ-ଶାନ୍ତିମୟ ହୁଏ । ଜଳରେ ଥିବା ଜାହାଜ ଅଧିକ ଭାଗ ଜଳରେ ଓ କମ୍ ଭାଗ ଉପରେ ଥାଏ । କେବଳ ଉପର ଭାଗ ଦେଖି ଜାହାଜର ଆକାର ନିର୍ଣ୍ଣୟ କଲେ ଯେପରି ଆଂଶିକ ହୁଏ, ସେହିପରି ଜାହାଜର ଜଳମଗ୍ନ ଭାଗକୁ ନେଇ ବାହ୍ୟ ଭାଗକୁ ବାଦ୍‌ଦେଲେ ବି ଅପୂର୍ଣ୍ଣ ହୁଏ । ଜଳମଗ୍ନ ଆଉ ଦୃଶ୍ୟ ଉଭୟ ଭାଗ ଜାଣିଲେ ଜାହାଜର ପୂର୍ଣ୍ଣରୂପ ନିରୂପଣ କରାହୁଏ । ସେହିପରି ମନୁଷ୍ୟ ହୃଦୟର ଗଭୀରତା ଆଉ ବୁଦ୍ଧିର ଉଚ୍ଚତା ମଧ୍ୟରୁ ଅଧ୍ୟାତ୍ମ ସାଧକମାନେ ଗୋଟାଏ ଭାଗନେଲେ ଏବଂ ମନ ପ୍ରଧାନ ବ୍ୟକ୍ତି ଓ ବୈଜ୍ଞାନିକମାନେ ଆଉ ଗୋଟାଏ ଭାଗନେଇ ବିକାଶ କଲେ । ସେଇଥିପାଇଁ ଦୁହେଁ ହେଲେ ଅପୂର୍ଣ୍ଣ । ବର୍ତ୍ତମାନ ସମୟ ଆସିଛି ମନୁଷ୍ୟର ହୃଦୟ ଆଉ ବୁଦ୍ଧି – ଉଭୟ ବିକଶିତ ହେବାର । ଏଥିରେହିଁ ଜୀବନର ପୂର୍ଣ୍ଣତା ଆଉ ସାର୍ଥକତା ।

ବୁଦ୍ଧି-ପ୍ରଧାନ ବ୍ୟକ୍ତି ବିଜ୍ଞାନ ସାହାଯ୍ୟରେ ବୁଦ୍ଧିକୁ ଉଚ୍ଚରୁ ଉଚ୍ଚ ଶିଖରରେ ନେଇ ବହୁତ ଆଶ୍ଚର୍ଯ୍ୟଜନକ ବସ୍ତୁ ଆବିଷ୍କାର କଲେ । କିନ୍ତୁ ବ୍ୟକ୍ତିର ଅନ୍ୟ ଭାଗ ହୃଦୟର ଗଭୀରକୁ ନ ଯାଇ, ହୃଦୟର ଅନୁସନ୍ଧାନ ନ କରିବା ଫଳରେ ସେମାନେ ହୃଦୟ ସମ୍ବନ୍ଧେ ଅଚେତନ ରହିବାରୁ ମନୁଷ୍ୟର ଚିର ଅଭିଳଷିତ ସୁଖ, ଶାନ୍ତି ପ୍ରାପ୍ତ କରିବା ଦୂରେ ଥାଉ, ତା'ର ସ୍ୱରୂପ କ'ଣ, ସେ ଜାଣି ପାରିଲେ ନାହିଁ । କୌଣସି ବୁଦ୍ଧି-ପ୍ରଧାନ ବ୍ୟକ୍ତି, ଅଥବା ବିଜ୍ଞାନବେତ୍ତାମାନେ କ'ଣ

କେବେ ବି ଦୁଃଖ, ଅଶାନ୍ତି ଚାହାନ୍ତି ? କେବେ ନୁହେଁ । ସେ ଚାହାନ୍ତି ସୁଖ, ଶାନ୍ତି । ଏହି ଯେଉଁ ସୁଖ ମନୁଷ୍ୟ ଜୀବନର ଲକ୍ଷ୍ୟ, ତାଙ୍କ ପାଖରେ ଏହା ଅସ୍ପଷ୍ଟ । ଯଦି ସେ ଏହାକୁ ଜୀବନର ଲକ୍ଷ୍ୟ ମାନିଥା'ନ୍ତି ତେବେ ଏହା ସକାଶେ ଅବଶ୍ୟ ପ୍ରଯତ୍ନ କରିଥା'ନ୍ତେ । ଯେଉଁ ବୁଦ୍ଧି-ପ୍ରଧାନ ବ୍ୟକ୍ତିଙ୍କ ପ୍ରଭାବ ତୁମ ଉପରେ ଏତେ ଅଧିକ, ଯାହାଙ୍କ କହିବା ଛଡ଼ା ଅନ୍ୟ କିଛି ସତ୍ୟ ଅଛି ବୋଲି ବିଶ୍ୱାସ କରିବାକୁ ତୁମେ ଅସମର୍ଥ, ସେହି ବ୍ୟକ୍ତିଙ୍କ ବୁଦ୍ଧି ଏତେ ବିକାଶ ହେବା ସତ୍ତ୍ୱେ ହୃଦୟ ବିକାଶରେ ଶୂନ୍ୟ, ନିଜର ସତ୍ୟ ଯଥାର୍ଥ ଆବଶ୍ୟକ ସମ୍ବନ୍ଧେ ଅନଭିଜ୍ଞ । ଯେପର୍ଯ୍ୟନ୍ତ ମନୁଷ୍ୟର ସମସ୍ତ ସତ୍ତାର ପୂର୍ଣ୍ଣ ବିକାଶ ନ ହୁଏ, ସେପର୍ଯ୍ୟନ୍ତ ତାହାର ଗୋଟିଏ ଭାଗ ଯେତେ ଉନ୍ନତ ହେଲେ ମଧ ଅନ୍ୟ ଭାଗ ଶିଶୁତୁଲ୍ୟ ଅବିକଶିତ ରହେ । ପୂର୍ବେ କୁହାଯାଇଛି ଆତ୍ମା ଦ୍ୱାରା ମନ, ପ୍ରାଣ, ଶରୀର ପରିଚାଳିତ ହୁଏ । ଏହି ଚାରି ସତ୍ତା ମଧରୁ କୌଣସି ଗୋଟିଏ ସତ୍ତା ଅବିକଶିତ ହେଲେ ମନୁଷ୍ୟ କଦାପି ପୂର୍ଣ୍ଣତା ପ୍ରାପ୍ତ କରିପାରେ ନାହିଁ । ବୈଜ୍ଞାନିକଙ୍କର ଆତ୍ମ-ବିକାଶ ଅଭାବରୁ ଆଜି ପର୍ଯ୍ୟନ୍ତ ସେମାନଙ୍କ ଦ୍ୱାରା ଜଗତରେ ଏବଂ ନିଜ ଜୀବନରେ ଶାନ୍ତି, ସୁଖ ସ୍ଥାପନ ହୋଇପାରି ନାହିଁ, ସେମାନଙ୍କ ଜ୍ଞାନ ଅପୂର୍ଣ୍ଣ ରହିଅଛି ।

ପ୍ରଶ୍ନ – ଏହିସବୁ ଉତ୍ତର ଯୁକ୍ତିଯୁକ୍ତ ହେଲେ ସୁଦ୍ଧା ଆମ୍ଭମାନଙ୍କ ଅଭ୍ୟାସ ଅଥବା ସ୍ୱଭାବବଶତଃ ଆମ୍ଭେମାନେ ଯେଉଁ ବସ୍ତୁକୁ ନ ଦେଖୁ ତାହା ଶୁଣି ବିଶ୍ୱାସ କରିବାରେ ଅସମର୍ଥ ହେଉ । ଆତ୍ମାକୁ ନ ଦେଖି ବିଶ୍ୱାସ କରିବୁ କିପରି ?

ଉତ୍ତର – ପ୍ରତ୍ୟେକ ବସ୍ତୁକୁ ମନୁଷ୍ୟ ଦେଖି ବିଶ୍ୱାସ କରେ, ଏହା ନୁହେଁ । ଇତିହାସ ପଢୁଛନ୍ତି, ସେଥିରେ ବିଶ୍ୱାସ କରୁଛନ୍ତି । ରୁଷ୍, ଆମେରିକା, ଆଫ୍ରିକା, ଇତ୍ୟାଦି ଦେଶକୁ ନ ଦେଖି ପଢ଼ି ଶୁଣି ବିଶ୍ୱାସ କରୁଛନ୍ତି । ଜଜ୍ ହତ୍ୟା ନ ଦେଖି ଅନ୍ୟ ଲୋକର କହିବା ବିଶ୍ୱାସ କରି ଦୋଷୀକୁ ଦଣ୍ଡ ଦେଉଛନ୍ତି । ଏହିସବୁ ବସ୍ତୁ ନ ଦେଖି ଯଦି ବିଶ୍ୱାସ କରାହୁଏ ତେବେ ଆତ୍ମାକୁ ନ ଦେଖିଛନ୍ତି ବୋଲି ତାହା ଅସତ୍ୟ କାହିଁକି ହେବ ? ଆମେରିକା, ରୁଷ୍ ଓ ଆଫ୍ରିକାକୁ ଯଥାର୍ଥ ମାର୍ଗରେ ନ ଯାଇ ମିଥ୍ୟା କହିବା ଯେପରି ଯୁକ୍ତିଯୁକ୍ତ ନୁହେଁ, ହତ୍ୟାର ସତ୍ୟତା ଜାଣିବା ସକାଶେ ସାକ୍ଷୀ, ପୁଲିସ ରିପୋର୍ଟ, ଓକିଲଙ୍କ ଯୁକ୍ତି ନ ଶୁଣି, ନ ଜାଣି, ହତ୍ୟାକାଣ୍ଡ ମିଥ୍ୟା କହିବା ଯେପରି ଯୁକ୍ତିଯୁକ୍ତ ନୁହେଁ; ସେହିପରି ଆତ୍ମାର ଅନୁସନ୍ଧାନ ନ କରି, ତାହା ସମ୍ବନ୍ଧେ କିଛି ନ ଜାଣି, ଆତ୍ମା-ପ୍ରାପ୍ତିର ଯଥାର୍ଥ ମାର୍ଗରେ ନ ଯାଇ ଆତ୍ମା ଅସତ୍ୟ ବୋଲି କହିବା ମଧ ଅଯୌକ୍ତିକ । ରୋଗ ସମ୍ବନ୍ଧେ କିଛି ମାତ୍ର ଜାଣି ନ ଥିବା କୌଣସି ଯୁକ୍ତି-ବୁଦ୍ଧି ବିଶାରଦ ବହୁତ ବଡ଼ ବାରିଷ୍ଟରଙ୍କ ପାଖକୁ ଯାଇ ଯଦି ଔଷଧର ବ୍ୟବସ୍ଥା ଚାହାନ୍ତି, ଏହା କ'ଣ ଯଥାର୍ଥ ପ୍ରଣାଳୀ ? ବାରିଷ୍ଟରଙ୍କ କହିବାରେ ବିଶ୍ୱାସ କରିବେ ? ଏହା ଯେପରି ଅସଙ୍ଗତ ସେହିପରି ଆତ୍ମଜ୍ଞାନାଭାବ ଉତ୍କୃଷ୍ଟ ବୈଜ୍ଞାନିକ, ବହୁ ଡିଗ୍ରିଯୁକ୍ତ ଭୌତିକ ଶାସ୍ତ୍ରବେତ୍ତା ପଣ୍ଡିତଙ୍କୁ ଆତ୍ମାର ସତ୍ୟତା ପଚାରିବା ଆଉ ତାଙ୍କ ଯୁକ୍ତିରେ ବିଶ୍ୱାସ କରିବା ମଧ ଅଯୌକ୍ତିକ ।

ଆତ୍ମା ସମ୍ବନ୍ଧେ ଜାଣିବାକୁ ହେଲେ ଯେଉଁମାନେ ଆତ୍ମ-ପ୍ରାପ୍ତି କରିଅଛନ୍ତି ସେମାନଙ୍କ ନିର୍ଦ୍ଦେଶିତ ମାର୍ଗରେ ଯିବା ଉଚିତ । ଏହି ପ୍ରଣାଳୀ ଠିକ୍ ଠିକ୍ ଆଚରଣ କରିବା ପରେ ଯଦି ଆତ୍ମାର ସନ୍ଧାନ ନ ମିଳେ, ସୁଖ, ଶାନ୍ତି ପ୍ରାପ୍ତ ନ ହୁଏ, ତେବେ କିଛି କହିବା ଯୁକ୍ତିଯୁକ୍ତ ହୋଇପାରେ । ଆତ୍ମା ସମ୍ବନ୍ଧେ କିଛି ନ ଜାଣି, କୌଣସି ପ୍ରଯତ୍ନ ନ କରି ଆତ୍ମା ଅସତ୍ୟ ବୋଲି କହିବା ଆଦୌ ଯୁକ୍ତିଯୁକ୍ତ ନୁହେଁ ।

ସଂସାରରେ ବହୁତ ବସ୍ତୁ ଜାଣିବାର ଅଛି । ଜଣେ ବ୍ୟକ୍ତି ପକ୍ଷେ ଭୌତିକ ପ୍ରଯତ୍ନ ଓ ଭୌତିକ ବୁଦ୍ଧି ଦ୍ୱାରା ସମସ୍ତ ଜାଣିବା ସମ୍ଭବ ନୁହେଁ । ଜଣେ ବାରିଷ୍ଟର ଡାକ୍ତରୀ ବିଦ୍ୟା ସମ୍ବନ୍ଧେ ଯେପରି ଅନଭିଜ୍ଞ, ବାଣିଜ୍ୟ ବିଷୟ ପଢ଼ିଥିବା କଲେଜ ଛାତ୍ର ବା ଅଧ୍ୟାପକ ଅଫିସର, ଦେଶନେତାମାନେ ଅଧ୍ୟାତ୍ମ-ବିଦ୍ୟା ଓ ଆତ୍ମା ସମ୍ବନ୍ଧେ ସେହିପରି ଅନଭିଜ୍ଞ । ତାଙ୍କ ନାମର ପୂର୍ବେ ଓ ପରେ କେତେଗୁଡ଼ିଏ ବିଶେଷଣ ଯଦି ଲାଗିଥାଏ ତେବେ ବିଶେଷଣ ଲାଗିଥିବା ବିଷୟରେ ସେମାନେ ପଣ୍ଡିତ ହୋଇ ପାରନ୍ତି । କିନ୍ତୁ ଅଧ୍ୟାତ୍ମ-ବିଦ୍ୟା ଯଦି ସେମାନେ ନ ଜାଣି ସେ ସମ୍ବନ୍ଧେ କିଛି କୁହନ୍ତି ତାଙ୍କ କହିବା ଯେପରି ଅସଙ୍ଗତ ତାଙ୍କ କହିବାରେ ବିଶ୍ୱାସ କରିବା ମଧ ତାହାଠାରୁ ଆହୁରି ଅଧିକ ଅସଙ୍ଗତ । ଯେ ଯେଉଁ ବିଷୟ ନ ଜାଣେ ସେ ବିଷୟରେ ସତ୍ୟ ବା ଅସତ୍ୟ କିଛି ନ କହି ଚୁପ୍ ରହିବା ଭଲ । ଯଦି କହିବାକୁ ହୁଏ ତେବେ ପ୍ରଥମେ ସେ ବିଷୟ ଜାଣନ୍ତୁ ପରେ କୁହନ୍ତୁ ।

ପ୍ରଶ୍ନ – କେଉଁଠି କୁହାହୋଇଛି ଭଗବାନ୍, କେଉଁଠି କୁହାହୋଇଛି ଆତ୍ମା । ଆତ୍ମା ଆଉ ଭଗବାନ୍ ଏକ, ନା ଦୁଇ ?

ଉତ୍ତର – ଆତ୍ମା ଆଉ ଭଗବାନ୍ ତତ୍ତ୍ୱତଃ ଏକ । ଆତ୍ମା ସେହି ଭଗବତ୍ ତତ୍ତ୍ୱ ବ୍ୟକ୍ତି ସତ୍ତା, ମନୁଷ୍ୟ ମଧ୍ୟରେ ନିବାସ କରେ, ମନୁଷ୍ୟର ଜନ୍ମ ମୃତ୍ୟୁ ସଙ୍ଗେ ସଙ୍ଗେ ଥାଏ । ଏହି ଆତ୍ମାର ସନ୍ଧାନ ପ୍ରାପ୍ତ ହେଲେ, ଭଗବାନଙ୍କ ସନ୍ଧାନ, ଜୀବନର ରହସ୍ୟ ଜ୍ଞାତ ହୁଏ । ଏହି ଆତ୍ମୋପଲବ୍ଧିରେ ମନୁଷ୍ୟର ଜଡ଼-କର୍ମରେ ଭଗବତ୍ ପ୍ରେରଣା ଆସେ । ତାର୍କିକ ସୀମିତ ବୁଦ୍ଧି ବ୍ୟାପକ ଆଉ ସ୍ୱତଃ ନିଶ୍ଚୟାତ୍ମକ ହୁଏ । ଜୀବନର ଦୁଃଖ-ଦ୍ୱନ୍ଦ୍ୱ ଅପସାରିତ ହୋଇ ଆନନ୍ଦରେ ପରିଣତ ହୁଏ । ସଂସାର ସ୍ୱର୍ଗ ହୋଇ ଉଠେ । ହୃଦୟ ଆତ୍ମ-ବିକାଶ, ମସ୍ତିଷ୍କ ବୁଦ୍ଧି-ବିକାଶରେ ଜୀବନ ପୂର୍ଣ୍ଣ ସୁଖମୟ ହୁଏ । ଏଥିରେହିଁ ହୁଏ କର୍ମର ଭିତ୍ତି ଅଧ୍ୟାତ୍ମ, ଜୀବନର ଚାଳକ ହୁଅନ୍ତି ଭଗବାନ୍ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହି ଲକ୍ଷ୍ୟରେ କେବେ ବା କେବେ ବ୍ୟକ୍ତିକୁ ପହୁଞ୍ଚିବାକୁ ହେବ । ଅଚେତଭାବେ ପ୍ରକୃତି ପ୍ରେରଣାରେ ନାନା ପ୍ରକାର ଦୁଃଖ-ଦ୍ୱନ୍ଦ୍ୱ ମଧ୍ୟଦେଇ ପହୁଞ୍ଚିବାରେ ବହୁତ ଜନ୍ମ ଲାଗେ । ସଚେତଭାବେ ସମସ୍ତ କର୍ମ ଆତ୍ମାକୁ ସମର୍ପଣ କରିବା ଦ୍ୱାରା ବ୍ୟକ୍ତି ଗୋଟିଏ ଜନ୍ମରେ ଦୁଃଖ-ଦ୍ୱନ୍ଦ୍ୱରୁ ନିବୃତ୍ତ ହୋଇ ଲକ୍ଷ୍ୟରେ ପହୁଞ୍ଚିପାରେ । ଜୀବନର ପୂର୍ଣ୍ଣତା ସକାଶେ କର୍ମର ଯେପରି ଆବଶ୍ୟକ ସେହିପରି ଆତ୍ମୋପଲବ୍ଧି ମଧ୍ୟ ଆବଶ୍ୟକ । ଉଭୟର ମିଳନରେହିଁ ଜୀବନ ହୁଏ ଆନନ୍ଦମୟ, ପୂର୍ଣ୍ଣ ।

ପ୍ରଶ୍ନ – ପୂର୍ଣ୍ଣାଙ୍ଗ ଶିକ୍ଷାରେ ଯଦି ଆତ୍ମୋପଲବ୍ଧି ହୁଏ, ମନୁଷ୍ୟକୁ ଏଥିରେ ଯଦି ପୂର୍ଣ୍ଣତା ପ୍ରାପ୍ତହୁଏ, ଏହି କାର୍ଯ୍ୟ ସମ୍ପନ୍ନ କରିବା ସକାଶେ ଯଦି ଅତିମାନସ ଶକ୍ତି ଅବତରଣ କରି କ୍ରିୟା କରୁଥାଏ ତେବେ ସେହି ଶକ୍ତି ତା'ର କାର୍ଯ୍ୟ କରିବ । ସେହି ବିଷୟକୁ ପ୍ରତିପାଦନ କରିବା ସକାଶେ ତୁମେ କାହିଁକି ବୁଝାଇବାକୁ ଚେଷ୍ଟା କରୁଛ ?

ଉତ୍ତର – କେବଳ ଯୁକ୍ତି-ତର୍କରେ ବୁଝାଇବା ଦ୍ୱାରା କୌଣସି ଫଳ ହୁଏ ନାହିଁ ଯଦି ପରିବର୍ତ୍ତନକାରୀ ସତ୍ୟ ଆତ୍ମାକୁ ସ୍ପର୍ଶ କରି ନ ଥାଏ । ଯଥାର୍ଥରେ କାର୍ଯ୍ୟ କରେ ରୂପାନ୍ତରକାରୀ ସତ୍ୟ; ମାତ୍ର ଯୁକ୍ତିଯୁକ୍ତ ଆଲୋଚିତ ବିଷୟ ମନର ସନ୍ଦେହକୁ ଦୂର କରିବାରେ ସାହାଯ୍ୟ କରେ । ଆତ୍ମା ଆଉ ସତ୍ୟ ମଧ୍ୟରେ ଥିବା ପରଦାକୁ ସେହିପରି ଅପସାରଣ କରେ ଯେପରି ନଦୀ ବଢ଼ିରେ ବୁଡ଼ିଯାଉଥିବା ବନ୍ଧରେ କୋଡ଼ିରେ ଦୁଇ ପଶା ମାରିବା । ବନ୍ଧ ବୁଡ଼ିଯିବା ଅବସ୍ଥାରେ ବନ୍ଧ ଭାଙ୍ଗିଯିବା ଅବଶ୍ୟମ୍ଭାବୀ ଥିବା ସତ୍ତ୍ୱେ କିଛି ସମୟ ରହିପାରେ । କିନ୍ତୁ କୋଡ଼ିରେ ଦୁଇ ପଶା ମାରିଦେଲେ ସଙ୍ଗେ ସଙ୍ଗେ ବନ୍ଧ ଭାଙ୍ଗିଯାଏ ।

ବର୍ତ୍ତମାନ ଜଗତରେ ଅତିମାନସ ଶକ୍ତି ସର୍ବତ୍ର କାର୍ଯ୍ୟ କରୁଅଛି, ଏ ବିଷୟରେ ସଚେତ ହୋଇଛନ୍ତି କେତେଜଣ ? ୧୯୫୬ ମାର୍ଚ୍ଚ ତା୨୯ରିଖରେ ଯେତେବେଳେ ଅତିମାନସ ଶକ୍ତି ସ୍ଥୂଳ ଭୌତିକ ଚେତନାରେ ପ୍ରକାଶିତ ହେଲା ସେତେବେଳେ ବହୁତ ଅଳ୍ପ, ଖୁବ୍ ଅଳ୍ପ ଲୋକ ବୁଝି ପାରିଥିଲେ । ମା'ଙ୍କ କହିବା ପରେ ଆଉ କେତେ ଲୋକ ଅନୁଭବ କରିବାକୁ ଲାଗିଲେ । ମା' ଯଦି କହି ନ ଥା'ନ୍ତେ ତେବେ ଯେଉଁମାନେ ଅନୁଭବ କଲେ ସେମାନଙ୍କ ଅନୁଭୂତି ହେବାରେ ବିଳମ୍ବ ହୋଇଥା'ନ୍ତା ଆଉ ଅତିମାନସ ସମ୍ବନ୍ଧେ ସେମାନେ ସଚେତ ହୋଇ ନ ଥା'ନ୍ତେ । ଯାହା ଅନ୍ତରରେ ଘଟେ ତାକୁ ବାହାରରେ ସଚେତନ କରାଇ ଦେବା ଦ୍ୱାରା ତାହା ଶୀଘ୍ର ବିକଶିତ ହୁଏ ।

ପ୍ରଶ୍ନ – ଲୋକକୁ ବୁଝାଇ ଦେବା ଦ୍ୱାରା ଯଦି ଲୋକ ସଚେତ ହୁଏ ତେବେ ତୁମେ କହୁଛ ଅତିମାନସ ଶକ୍ତି ସର୍ବତ୍ର କ୍ରିୟା କରୁଅଛି, ସମସ୍ତଙ୍କ ଆତ୍ମାକୁ ସ୍ପର୍ଶ କରୁଅଛି; ତେବେ ପ୍ରତ୍ୟେକ ବ୍ୟକ୍ତି ସଚେତ ହୋଇ ଆତ୍ମ-ବିକାଶ ସକାଶେ ପ୍ରଯତ୍ନ କରିବା ଉଚିତ । କିନ୍ତୁ ଏପରି ତ' ହେଉ ନାହିଁ ?

ଉତ୍ତର – ନାହିଁ, ଏପରି ହୁଏ ନାହିଁ । କାରଣ ପ୍ରତ୍ୟେକ ମନୁଷ୍ୟର ଆତ୍ମା ଅତିମାନସ ଶକ୍ତିର ସ୍ପର୍ଶ ପାଇବା ଅନୁପାତରେ ସମାନଭାବେ ବିକଶିତ ବା ଜାଗ୍ରତ୍ ହୋଇ ନାହିଁ । ସେହି ସକାଶେ ପ୍ରତ୍ୟେକ ବ୍ୟକ୍ତି ପ୍ରଯତ୍ନ କରୁ ନାହାନ୍ତି । ଯେଉଁମାନଙ୍କ ଆତ୍ମା ଆଉ ସତ୍ୟ ମଧ୍ୟରେ ମନ-ପ୍ରାଣର ମୋଟା ପରଦା ଅଛି, ଅର୍ଥାତ୍ ଯାହା ମଧ୍ୟରେ ମନ-ପ୍ରାଣ ଅତ୍ୟଧିକ ମାତ୍ରାରେ ନେତୃତ୍ୱ ସ୍ଥାନ ଅଧିକାର କରି ମନୁଷ୍ୟକୁ ପରିଚାଳନା କରୁଅଛି, ସେମାନଙ୍କ ମନବୁଦ୍ଧି ଅତ୍ୟନ୍ତ ବିକଶିତ ହେବା ସତ୍ତ୍ୱେ ହୃଦୟ ବିକଶିତ ନ ହୋଇ ଶୁଷ୍କ ହୋଇ ଯାଇଅଛି, ସେଥିପାଇଁ ସେମାନଙ୍କ ଆତ୍ମା ଅତିମାନସ

ଶକ୍ତିର ବହୁତ କମ୍ ପ୍ରଭାବ ସ୍ପର୍ଶ କରୁଛି । ସେମାନଙ୍କୁ ବର୍ତ୍ତମାନ ଅତିମାନସ ଶକ୍ତି ଗ୍ରହଣ କରିବାକୁ ଅଧିକ ସମୟ ଲାଗିବ ।

ଯେଉଁମାନଙ୍କ ଆତ୍ମା ଅଧିକ ଜାଗ୍ରତ୍ ହୋଇଅଛି ସେହିମାନେ ଅତିମାନସ ଶକ୍ତିର ସ୍ପର୍ଶ ପାଇଅଛନ୍ତି, ବାହ୍ୟ ଶବ୍ଦର ସାହାଯ୍ୟ ପାଇବା ମାତ୍ରେ ସେମାନେ ଜାଗ୍ରତ୍ ହୋଇ ଯାଉଛନ୍ତି । ଏହିପରି ବ୍ୟକ୍ତିଙ୍କ ସକାଶେ ବାହ୍ୟ ଶବ୍ଦର ଆବଶ୍ୟକ ।

ବରାବର ନୂତନ ସତ୍ୟ ଗ୍ରହଣ କରିବା ବ୍ୟକ୍ତି ଅଳ୍ପ ହୁଅନ୍ତି । ଯେଉଁମାନେ ପ୍ରଥମରେ ଗ୍ରହଣ କରନ୍ତି ସେମାନେ ହୁଅନ୍ତି ନୂତନ ଯୁଗର ଅଗ୍ରଦୂତ ।

ଯେଉଁମାନଙ୍କ ଆତ୍ମା ଅତିମାନସ ଶକ୍ତିର ଅଧିକ ସଂସ୍ପର୍ଶ ପାଇଅଛି ସେମାନେ ଏହି ଅଧ୍ୟାତ୍ମ ସତ୍ୟ ଅବଶ୍ୟ ଗ୍ରହଣ କରିବେ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ବାଣୀର ପ୍ରସାର ଆବଶ୍ୟକ । ଏଥିରେହିଁ ସଂସାର ଆଉ ଜୀବନର ଉନ୍ନତି; ଏହାଦ୍ୱାରା ଜୀବନ ପୂର୍ଣ୍ଣ ଓ ଆନନ୍ଦମୟ ହେବ, ସଂସାର ସ୍ୱର୍ଗରେ ପରିଣତ ହେବ । ଏହି ଅମୃତ ମୁହୂର୍ତ୍ତ ଆମ୍ଭମାନଙ୍କ ସମ୍ମୁଖରେ ବର୍ତ୍ତମାନ ।

ଶିକ୍ଷା ପୂର୍ଣ୍ଣାଙ୍ଗ ହେବାକୁ ହେଲେ ମାନବ-ସତ୍ତାର ପାଞ୍ଚଟି ପ୍ରଧାନ ବୃତ୍ତି ଅନୁଯାୟୀ ଶିକ୍ଷାର ପାଞ୍ଚଟି ବିଭାଗ ରହିବା ଦରକାର ।

ଶାରୀରିକ, ପ୍ରାଣିକ, ମାନସିକ, ଅନ୍ତରାତ୍ମିକ ଓ ଆଧ୍ୟାତ୍ମିକ ।...

— ଶ୍ରୀମା